## ୬ ▸ ମୁମ୍ବାଇ ଠାରୁ ୭ ୱିକେଟରେ ହାରିଲା ହାଇଦ୍ରାବାଦ





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

• ବର୍ଷ–୩୨ • ସଂଖ୍ୟା–୮୬ • ୨୪ ଅପ୍ରେଲ ୨୦୨୫, ଗୁରୁବାର • ଭୁବନେଶ୍ୱର • Vol -32 • Issue-86 • 24th April 2025, Thursday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27



DSPL-39



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଜାତୀୟ ପଞ୍ଚାୟତିରାଜ ଦିବସ - ୨୦୨୫

ମୁଖ୍ୟମନ୍ତ୍ରୀ

## ଶ୍ରୀ ମୋହନ ଚରଣ ମାଝୀଙ୍କ

ସଦୟ ଉପସ୍ଥିତିରେ

## ରାଜ୍ୟସ୍ତରୀୟ ସମାରୋହ

୨୪ ଏପ୍ରିଲ୍ ୨୦୨୫ | ତାଳବଣିଆ, ପୁରୀ

## ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ

ପଞ୍ଚାୟତ ସମିତିର ସାଧାରଣ ବୈଠକକୁ ଅନଲାଇନ୍ ମାଧ୍ୟମରେ ପରିଚାଳନା କରିବା ନିମନ୍ତେ
**ଇ-ପଞ୍ଚାୟତ ସଭା (ପଞ୍ଚାୟତ ସମିତି) ପୋର୍ଟାଲର ଉନ୍ମୋଚନ**

ରାଜ୍ୟର ଅନୁମୋଦିତ ବିଭିନ୍ନ ପ୍ରକଳ୍ପ ପାଇଁ ରେକର୍ଡ ପ୍ରସ୍ତୁତି, ବୈଷୟିକ ମଞ୍ଜୁରୀ, ପ୍ରଶାସନିକ ଅନୁମୋଦନ ଭଳି ପ୍ରକ୍ରିୟା ଗୁଡ଼ିକୁ ସୁଗମ ରୂପେ ପରିଚାଳନା କରିବା ନିମନ୍ତେ
**ପି.ପି.ଏମ୍.ଏସ୍ ପୋର୍ଟାଲର ଉନ୍ମୋଚନ**

ଗ୍ରାମ ପଞ୍ଚାୟତ ଭିତ୍ତିଭୂମିର ଦୃଶ୍ୟକରଣ ଏବଂ ନିର୍ବାଚିତ ପ୍ରତିନିଧିଙ୍କ ତଥ୍ୟକୁ ପ୍ରାପ୍ତ କରିବା ପାଇଁ
**ପଞ୍ଚାୟତ ମନିଟରିଂ ସିଷ୍ଟମର ଶୁଭାରମ୍ଭ**
(ପୋର୍ଟାଲ ଓ ମୋବାଇଲ ଆପ୍)

ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ଅନୁଦାନରେ ୬୧୩ ଗୋଟି ଗ୍ରାମ ପଞ୍ଚାୟତକୁ କାର୍ଯ୍ୟଦକ୍ଷତାରେ ଶ୍ରେଷ୍ଠତା ପ୍ରତିପାଦନ, ନିଜସ୍ୱ ଆୟ ବୃଦ୍ଧି ତଥା ପଞ୍ଚାୟତର ସର୍ବାଙ୍ଗୀନ ବିକାଶରେ ନିରନ୍ତର ପ୍ରୟାସ ନିମନ୍ତେ
**୩୨ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ବଣ୍ଟନ**

**୬ ଲକ୍ଷ** ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ପ୍ରଦାନ
**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

**ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା**ରେ ୩ କିଲୋୱାଟ ପର୍ଯ୍ୟନ୍ତ ସୋଲାର ପ୍ୟାନେଲ ପାଇଁ **୧,୩୮,000 ଟଙ୍କା** ପର୍ଯ୍ୟନ୍ତ ସବସିଡି ପ୍ରଦାନ
**ଶକ୍ତି ବିଭାଗ, ଓଡ଼ିଶା ସରକାର**

**୪,୧୨୪ କୋଟି ଟଙ୍କା** ମୂଲ୍ୟର **୩୧୪** ଟି ବ୍ଲକସ୍ତରୀୟ ଷ୍ଟାଡିୟମ୍ ଭିତ୍ତିପ୍ରସ୍ତର ସ୍ଥାପନ
**କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାର**

**୨ ଲକ୍ଷରୁ ଉର୍ଦ୍ଧ୍ୱ ନୂତନ ସୁଭଦ୍ରା ହିତାଧିକାରୀଙ୍କୁ ୨00 କୋଟି** ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ରାଶି ପ୍ରଦାନ
**ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର**

**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର**

OIPR-19001/13/0016/2526




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ପୃଷ୍ଠା–୩

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୮୬ ● ୨୪ ଅପ୍ରେଲ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-86 ● 24th April 2025, Thursday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


### ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତର ଐତିହାସିକ ନିଷ୍ପତ୍ତି

# ଅଟାରୀ-ୱାଘା ସୀମା ବନ୍ଦ : ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ



**ନୂଆଦିଲ୍ଲୀ, ୨୩।୪**

ପହଲଗାମ ଆତଙ୍କବାଦୀ ଆକ୍ରମଣ ମାମଲାରେ ଭାରତ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସାଉଦୀଆରବ ଗସ୍ତକୁ କାଣ୍ଟଛାଣ୍ଟକରି ପ୍ରଧାନମନ୍ତ୍ରୀ ସ୍ୱଦେଶ ଫେରିଆସି ବୁଧବାର ସନ୍ଧ୍ୟାରେ ଜରୁରୀ ସୁରକ୍ଷା ସମ୍ବନ୍ଧିତ କ୍ୟାବିନେଟ୍ କମିଟି ବୈଠକ ଡକାଇ ସ୍ଥିତି ଉପରେ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ଏହି ବୈଠକରେ ଗୃହ ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସୁରକ୍ଷା ପରାମର୍ଶ ଦାତା ଅଜିତ୍ ଡୋଭାଲ, ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳାସୀତା ରମଣଙ୍କ ସମେତ ସେନାବାହିନୀର ମୁଖ୍ୟ ଏବଂ ବରିଷ୍ଠ ପଦାଧିକାରୀ ଯୋଗ ଦେଇ ପହେଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାର ସ୍ଥିତି ସମୀକ୍ଷା କରିବା ସହ କଠୋର ଆଭିମୁଖ୍ୟ ଗ୍ରହଣ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ବୈଠକରେ ଆତଙ୍କବାଦୀ ଆକ୍ରମଣର କଡ଼ା ଜବାବ ଦେବା ପାଇଁ ଅନେକ ବଡ଼ ନିଷ୍ପତ୍ତି ନିଆଯାଇଛି । ବୈଦେଶିକ ମନ୍ତ୍ରଣାଳୟ ସଚିବ ବିକ୍ରମ ମିସ୍ତ୍ରୀ ଜଣାଇଛନ୍ତି କି ସିସିଏସ୍ ନିଷ୍ପତ୍ତିରେ ସିନ୍ଧୁ ନଦୀ ଚୁକ୍ତିକୁ ସ୍ଥଗିତ କରିଦିଆଯାଇଛି। ଏହି ନିଷ୍ପତ୍ତି ଫଳରେ ପାକିସ୍ତାନକୁ ଏକ ବଡ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ପାକିସ୍ତାନରେ ଜଳ ସମସ୍ୟା ଦେଖାଦେବା ସହ ପୂର୍ବରୁ ଲାଗି ରହିଥିବା ଆର୍ଥିକ ସମସ୍ୟା ଅଧିକ ଗୁରୁତର ହେବ । ଖାଲି ସେତିକି ନୁହେଁ, ବୈଦେଶିକ ମନ୍ତ୍ରଣାଳୟ ତରଫରୁ ଅନେକ ବଡ ଘୋଷଣା ହୋଇଛି । *(ପୃଷ୍ଠା ୭ରେ)*

# ୬ ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର



**ଭୁବନେଶ୍ୱର, ୨୩ /୦୪**
**ନ୍ୟୁଜ ବ୍ୟୁରୋ**

ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୫ଟି ବିଭାଗର ୬ଟି ପ୍ରସ୍ତାବକୁ ଆଲୋଚନା ପରେ ଅନୁମୋଦନ କରାଯାଇଛି। ଏହି ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ ବୈଠକରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ।
କ୍ୟାବିନେଟ ନିଷ୍ପତ୍ତି ଅନୁଯାୟୀ ଓଡ଼ିଶା ଅବକାରୀ ନିୟମ, ୨୦୧୭ର ନିୟମ ୭୯ରେ ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏଥିରେ ନିୟମ ସମ୍ବନ୍ଧୀୟ 'ଡିଷ୍ଟିଲାରୀ ଏବଂ ଅନ୍ୟାନ୍ୟ ଉତ୍ପାଦନ *(ପୃଷ୍ଠା ୭ରେ)*

## ଓଡ଼ିଶା ଭିଜନ ୨୦୩୬ ପାଇଁ ୪ଟି ସ୍ଥାନରେ ହେବ ଆଞ୍ଚଳିକ କର୍ମଶାଳା

**ଭୁବନେଶ୍ୱର, ୨୩ /୦୪**
**ନ୍ୟୁଜ ବ୍ୟୁରୋ**

ଆଗାମୀ ୧୫ ଦିନ ମଧ୍ୟରେ 'ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭' ଉପରେ ରାଜ୍ୟର ୪ ଟି ସ୍ଥାନରେ ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ କରାଯିବା ସହ ବିଭିନ୍ନ ସ୍ତରରେ ଜନ ପ୍ରତିନିଧି, ଜନସାଧାରଣ, ନାଗରିକ ସମାଜ, ବୁଦ୍ଧିଜୀବୀଙ୍କ ସହିତ ବିଚାରବିମର୍ଶ କରାଯାଇ ଏହି ଭିଜନ ଦସ୍ତାବିଜକୁ ଚୂଡ଼ାନ୍ତ ରୂପରେଖ ପ୍ରଦାନ କରାଯିବ । ବୁଧବାର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତା ଅନୁଷ୍ଠିତ ରାଜ୍ୟ ମନ୍ତ୍ରୀପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।
ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ଗଠନର ଶତବାର୍ଷିକୀ ପାଳନ ଅବସରରେ ସରକାର ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏକ ଉଚ୍ଚାଭିଳାଷୀ ସଂକଳ୍ପ ନେଇଛନ୍ତି । ୨୦୪୭ ସୁଦ୍ଧା ଆମ ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ହାସଲ ଦିଗରେ ମଧ ଏହା ସହାୟକ ହେବ। ପ୍ରଧାନମନ୍ତ୍ରୀ *(ପୃଷ୍ଠା ୭ରେ)*

## ରାଜ୍ୟରେ ୩ଟି ସିଭିଲ୍ ଜଜ୍ କୋର୍ଟ


**ଭୁବନେଶ୍ୱର, ୨୩/୦୪**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଗଠିତ ହୋଇଛି ୩ଟି ନୂଆ ସିଭିଲ୍ ଜଜ୍ କୋର୍ଟ (ଜୁନିୟର ଡିଭିଜନ୍)। ଏହି କୋର୍ଟ ଗୁଡିକ ବାଲେଶ୍ୱର ଜିଲ୍ଲାର ବାଲିଆପାଳ, ସୁନ୍ଦରଗଡ ଜିଲ୍ଲାର ଲେଫ୍ରିପଡା, ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ଠାରେ ସ୍ଥାପନ କରାଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସହିତ ପରାମର୍ଶ କ୍ରମେ ରାଜ୍ୟ ସରକାର ଏହି କୋର୍ଟ ଗୁଡିକ ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି।
ଏହି ତିନୋଟି କୋର୍ଟ ଗଠନ ହେବା ପରେ ଏହି ସବୁ ରାଜସ୍ୱ ତହସିଲ ଉପରେ କ୍ଷେତ୍ରାଧିକାର ଥିବା ଅନ୍ୟ ସମସ୍ତ ଜୁନିୟର ଡିଭିଜନ୍ ସିଭିଲ୍ ଜଜ୍ କୋର୍ଟ ଗୁଡିକର ଅଧିକାର ସମାପ୍ତ ହେଲା।

## ଆତଙ୍କବାଦୀମାନଙ୍କୁ ଏପରି ଜବାବ ଦିଆଯିବ ଯାହା ବିଶ୍ୱ ଦେଖିବ : ରାଜନାଥ

**ନୂଆଦିଲ୍ଲୀ, ୨୩ /୦୪**

ପହଲଗାମ ଆକ୍ରମଣ ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆତଙ୍କବାଦୀମାନଙ୍କୁ ସିଧାସଳଖ ଚ୍ୟାଲେଞ୍ଜ କରି କହିଥିଲେ ଯେ, ଯେଉଁମାନେ ଘୃଣ୍ୟ ଷଡ଼ଯନ୍ତ୍ର ରଚୁଛନ୍ତି ସେମାନଙ୍କୁ ଏପରି ଜବାବ ଦିଆଯିବ ଯାହା ବିଶ୍ୱ ଦେଖିବ। ଭାରତ ଏପରି ଆକ୍ରମଣକୁ ଆଦୌ ଭୟ କରିବ ନାହିଁ ଏବଂ ଆମେ ପରଦା ପଛରେ ଲୁଚି ରହିଥିବା ଲୋକଙ୍କୁ ଉପଯୁକ୍ତ ଜବାବ ଦେବୁ। ସେ କହିଛନ୍ତି ଯେ ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ଯୋଗୁଁ, ଭାରତ ଏହି ଆକ୍ରମଣର ଷଡ଼ଯନ୍ତ୍ରର ମୂଳ ପର୍ଯ୍ୟନ୍ତ ପହଞ୍ଚିବ ଏବଂ ଆମେ କଡ଼ା ଜବାବ ଦେବୁ।
ବୁଧବାର ସନ୍ଧ୍ୟାରେ ପ୍ରତିରକ୍ଷା ମନ୍ତ୍ରୀ ନୂଆଦିଲ୍ଲୀରେ ଅର୍ଜନ ସିଂହ ସ୍ମାରକୀ ବକ୍ତୃତାରେ ଉଦବୋଧନ ଦେଉଥିଲେ। ସେ କହିଥିଲେ ଯେ ମଙ୍ଗଳବାର ପହଲଗାମରେ ଧର୍ମକୁ ଟାର୍ଗେଟ କରି ଆତଙ୍କବାଦୀଙ୍କ ଦ୍ୱାରା ହୋଇଥିବା କାପୁରୁଷୋଚିତ ଆକ୍ରମଣରେ ଆମ ଦେଶ ଅନେକ ନିର୍ଦ୍ଦୋଷ ନାଗରିକଙ୍କୁ ହରାଇଛି। ଏହି ଘୃଣ୍ୟ ଅମାନବୀୟ କାର୍ଯ୍ୟ ଆମକୁ ଗଭୀର ଦୁଃଖ ଏବଂ ଯନ୍ତ୍ରଣା ଭିତରକୁ ଠେଲିଦେଇଛି। ସେହି ସମସ୍ତ ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରି, ଏହି ଦୁଃଖଦ ମୁହୂର୍ତ୍ତରେ ସ୍ୱର୍ଗତ ଆତ୍ମାର ଶାନ୍ତି ପାଇଁ ସେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ଭାରତର ସଂକଳ୍ପକୁ ଦୋହରାଇ ସେ କହିଥିଲେ ଯେ, ଆତଙ୍କବାଦ ବିରୁଦ୍ଧରେ ଆମର ଶୂନ୍ୟ ସହନଶୀଳତା ନୀତି ରହିଛି । ଏହି କାପୁରୁଷତାପୂର୍ଣ୍ଣ କାର୍ଯ୍ୟ ବିରୁଦ୍ଧରେ ଭାରତର ପ୍ରତ୍ୟେକ ନାଗରିକ ଏକଜୁଟ ହୋଇଛନ୍ତି ।



# ପହଲଗାମ ଆକ୍ରମଣ ଘଟଣାକୁ ଚୀନ୍‌ର ନିନ୍ଦା

**ନୂଆଦିଲ୍ଲୀ ୨୩।୪**

ଜମ୍ମୁ-କଶ୍ମୀର ଆତଙ୍କବାଦୀ ଆକ୍ରମଣକୁ ନେଇ ପ୍ରଥମେ ପାକିସ୍ତାନର ପ୍ରତିକ୍ରିୟା ଆସିବା ପରେ ଏବେ ଚୀନ୍ ପ୍ରତିକ୍ରିୟା ମଧ ଆସିଛି। ନୂଆଦିଲ୍ଲୀରେ ଚୀନ୍ ରାଷ୍ଟ୍ରଦୂତ ଶୁ ଫେଇହାଙ୍ଗ ଏକ ସୋସିଆଲ ମିଡିଆ ପୋଷ୍ଟରେ ଏହାକୁ ବର୍ବର ଆତଙ୍କବାଦୀ ଆକ୍ରମଣ କହି ନିନ୍ଦା କରିଛନ୍ତି। ଚୀନ୍ କହିଛି ଯେ ପହଲଗାମରେ ଆତଙ୍କବାଦୀଙ୍କ ଗୁଳିକାଣ୍ଡରେ ସେ ସ୍ତବ୍ଧ। ଏଥିରେ ଚୀନ୍ ସବୁ ପ୍ରକାରର ଆତଙ୍କବାଦକୁ ବିରୋଧ କରେ ବୋଲି ସେ କହିଛନ୍ତି।
ଚୀନ୍ ରାଷ୍ଟ୍ରଦୂତ ଫେଇହାଙ୍ଗ ଏକ୍ସ ରେ ଲେଖିଛନ୍ତି ଯେ 'ପହଲଗାମରେ ହୋଇଥିବା ଆକ୍ରମଣରେ ଆମ ସ୍ତବ୍ଧ ଓ ଆମେ ଏହାକୁ ନିନ୍ଦା କରୁଛୁ'। ଏଥିରେ ସେ ପୀଡିତଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଥିବା ବେଳେ ଆହତ ଓ ଶୋକ ସନ୍ତପ୍ତ ପରିବାରଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିରେ ଚୀନ୍ ସବୁ ପ୍ରକାରର ଆତଙ୍କବାଦକୁ ବିରୋଧ କରେ ବୋଲି ଫେଇହାଙ୍ଗ ଉଲ୍ଲେଖ କରିଛନ୍ତି। ଏହା ପୂର୍ବରୁ ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ଘଟଣାକୁ ନେଇ ପ୍ରତିକ୍ରିୟା ଦେଇଥିଲା।
ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ପହଲଗାମ ଆକ୍ରମଣ ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ 'ଆମେ ଭରାତ ନିୟନ୍ତ୍ରଣରେ ଥିବା ଜମ୍ମୁ ଓ କଶ୍ମୀରର ଅନନ୍ତନାଗ ଜିଲ୍ଲାରେ ହୋଇଥିବା ଆକ୍ରମଣରେ ପର୍ଯ୍ୟଟକଙ୍କ ମୃତ୍ୟୁକୁ ନେଇ ଚିନ୍ତିତ। ଆମେ ପ୍ରାଣ ହରାଇଥିବା ଲୋକଙ୍କ ପରିଜନଙ୍କ ପ୍ରତି ଆମର ଦୁଃଖ ପ୍ରକଟ କରୁଛୁ ଓ ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛୁ'। ଏହା ପୂର୍ବରୁ ପାକିସ୍ତାନ ପ୍ରତିରକ୍ଷାମନ୍ତ୍ରୀ ତାଙ୍କର ପ୍ରତିକ୍ରିୟା ଦେଇଥିଲେ। ଖ୍ୱାଜା ଆସିଫ କହିଥିଲେ ଯେ ଜମ୍ମୁ-କଶ୍ମୀର ଘଟଣାରେ ଆମର କୌଣସି ସମ୍ପର୍କ ନାହିଁ। ଆସିଫ କହିଥିଲେ ଯେ ଆମେ ସବୁ ପ୍ରକାରର ଆତଙ୍କବାଦକୁ ଖାରଜ କରୁଛୁ। ସେ ତାଙ୍କ ବୟାନରେ ଏପରି ଆକ୍ରମଣ ପାଇଁ ଓଲଟା ଭାରତକୁ ଦାୟୀ କରିଥିଲେ।



## ରାଜ୍ୟରେ ପ୍ରତିଷ୍ଠା ହେବ ୫ଟି ସ୍ୱତନ୍ତ୍ର ଫାଷ୍ଟଟ୍ରାକ ମହିଳା କୋର୍ଟ

**ଭୁବନେଶ୍ୱର, ୨୩ /୦୪**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ପ୍ରତିଷ୍ଠା ହେବ ୫ଟି ସ୍ୱତନ୍ତ୍ର ଫାଷ୍ଟଟ୍ରାକ ମହିଳା କୋର୍ଟ। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ହାଇକୋର୍ଟଙ୍କ ସହ ରାଜ୍ୟ ସରକାରଙ୍କ ଆଲୋଚନା ଆରମ୍ଭ ହୋଇଛି। କୋର୍ଟ ପ୍ରତିଷ୍ଠା ହେଲେ ମହିଳା ବିରୋଧୀ ଅପରାଧରେ ତ୍ୱରିତ ନ୍ୟାୟ ମିଳିବ। ପ୍ରାରମ୍ଭିକ ଭାବେ ୫ଟି କୋର୍ଟ କରାଯିବ ଏବଂ ପରେ କୋର୍ଟ ସଂଖ୍ୟା ବୃଦ୍ଧି କରାଯିବ। ଏହାସହ ୩୧୪ ବ୍ଲକରେ କୋର୍ଟ ପ୍ରତିଷ୍ଠା ପାଇଁ ସରକାରଙ୍କ ଯୋଜନା ରହିଛି । ସରକାର ଗ୍ରାମ୍ୟ ନ୍ୟାୟାଳୟ ମଧ ପ୍ରତିଷ୍ଠା କରିବେ ବୋଲି କହିଛନ୍ତି ଆଇନ ମନ୍ତ୍ରୀ।

### ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରୋଜେକ୍ଟ ମନିଟରିଂ ଡ୍ୟାସବୋର୍ଡ ଉନ୍ମୋଚିତ

# ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ବାସ୍ତବ ସମୟ ତଦାରଖ ହେବ



**ଭୁବନେଶ୍ୱର, ୨୩/୦୪**
**ନ୍ୟୁଜ ବ୍ୟୁରୋ**

ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ପୂର୍ତ୍ତ ବିଭାଗର ପ୍ରୋଜେକ୍ଟ ମନିଟରିଂ ଡ୍ୟାସବୋର୍ଡ'ର ଉନ୍ମୋଚନ କରିଛନ୍ତି। ଏହା ଦ୍ୱାରା ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ଗୁଡିକର ବାସ୍ତବ ସମୟରେ ତଦାରଖ କରାଯାଇ ପାରିବ ଏବଂ ପ୍ରକଳ୍ପ ଗୁଡିକ ନିର୍ଭୁଲ ଭାବରେ କାର୍ଯ୍ୟକାରୀ ହେବା ସହିତ ଏଥିରେ ଅଧିକ ଦକ୍ଷତା ଆସି ପାରିବ ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ ଯେଉଁ ମନିଟରିଂ ସିଷ୍ଟମ ଥିଲା, ସେଥିରେ ସୂଚନା ଗୁଡିକ ଠିକ୍ ଭାବେ ଆସି ପାରୁନଥିଲା, କାର୍ଯ୍ୟର ଅଗ୍ରଗତି ମନ୍ଥର ହେଉଥିଲା ଏବଂ ତା'ସହିତ ନିଷ୍ପତ୍ତି ନେବାରେ ମଧ ବିଳମ୍ବ ହେଉଥିଲା। ଏହି ଉନ୍ନତ ଜିଆଇଏସ ଡ୍ୟାସବୋର୍ଡ ମାଧ୍ୟମରେ ସମସ୍ତ ପ୍ରମୁଖ ପ୍ରକଳ୍ପଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇ ସାର୍ବଜନୀନ ସମ୍ପତ୍ତି ଏବଂ ଚାଲୁରହିଥିବା ପ୍ରକଳ୍ପଗୁଡ଼ିକର ସଦ୍ୟ ଚିତ୍ର ଦେଖିହେବ। ଜିଲ୍ଲା *(ପୃଷ୍ଠା ୭ରେ)*

## ପହଲଗାମରେ ଆକ୍ରମଣ ପରେ ଜମ୍ମୁ-କଶ୍ମୀର ଛାଡ଼ିଲେ ପର୍ଯ୍ୟଟକ

**ନୂଆଦିଲ୍ଲୀ, ୨୩/୪**

ଜମ୍ମୁ ଓ କଶ୍ମୀରର ପହଲଗାମରେ ହୋଇଥିବା ଛାତିଥରା ଆତଙ୍କବାଦୀ ଆକ୍ରମଣ ପରେ, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ଏକ ବଡ଼ ଖବର ଦେଇଛନ୍ତି। ଆକ୍ରମଣ ପରେ ଭୟରେ ଏକାଧିକ ପର୍ଯ୍ୟଟକ ଜମ୍ମୁ-କଶ୍ମୀର ଛାଡୁଥିବା ସେ ଜଣାଇଛନ୍ତି। ଏହା ସହ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ବିମାନ ଭଡା ବୃଦ୍ଧି ନକରିବା ପାଇଁ କଡ଼ା ନିର୍ଦ୍ଦେଶ ଜାରି କରିଛି ବୋଲି ସେ ସୂଚନା ଦେଇଛନ୍ତି। ମଙ୍ଗଳବାର ଅପରାହ୍ନରେ ଘଟିଥିବା ଏହି ଆକ୍ରମଣରେ ଏପର୍ଯ୍ୟନ୍ତ ୨୫ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ରାମ ମୋହନ ନାଇଡୁ କହିଛନ୍ତି ଯେ, 'ଆମେ ଶ୍ରୀନଗରରୁ ପର୍ଯ୍ୟଟକଙ୍କ ସୁରକ୍ଷିତ ଯାତ୍ରା ସୁନିଶ୍ଚିତ କରିବା ପାଇଁ ନିରନ୍ତର ପ୍ରୟାସ କରୁଛୁ। ଭଡା ବୃଦ୍ଧି ନକରିବା ପାଇଁ ବିମାନ କମ୍ପାନିଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଭଡା ଉପରେ ନଜର ରଖାଯାଇଛି ଏବଂ ଉଚିତ ସ୍ତରରେ ରଖାଯାଇଛି। ଶ୍ରୀନଗରରୁ ଉଡ଼ାଣ କରୁଥିବା ସମସ୍ତ ବିମାନ କମ୍ପାନିଗୁଡ଼ିକୁ ଟିକେଟ ବାତିଲ ଏବଂ ପୁନଃନିର୍ଦ୍ଧାରିତ ଫି' ଛାଡ଼ କରିବାକୁ କୁହାଯାଇଛି। ଏହା ଏକଜୁଟ ହେବାର ସମୟ। ଆମେ ପ୍ରତ୍ୟେକ ନାଗରିକଙ୍କ ସହିତ ଠିଆ ହୋଇଛୁ ଏବଂ ସବୁ ପ୍ରକାରର ସାହାଯ୍ୟ କରିବାକୁ ପ୍ରସ୍ତୁତ ଅଛୁ।' ଆକ୍ରମଣ ପରେ ଦିଲ୍ଲୀ ଓ ମୁମ୍ବାଇ ଭଳି ସହରକୁ ବିମାନ ଭଡ଼ା ୨୦,୦୦୦ ଛୁଇଁବା ଦେଖି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏଭଳି ନିଷ୍ପତ୍ତି ନେଇଛି। ପ୍ରଥମେ, ମନ୍ତ୍ରଣାଳୟ ଦ୍ୱାରା ଦିଲ୍ଲୀ ଏବଂ ମୁମ୍ବାଇକୁ ଦୁଇଟି ଲେଖାଏଁ ଅତିରିକ୍ତ ବିମାନ ଉଡ଼ାଣ ବ୍ୟବସ୍ଥା କରାଯାଇଥିଲା। ପରେ ବୁଧବାର ଦିନ ଦିଲ୍ଲୀକୁ ଆଉ ତିନୋଟି ଅତିରିକ୍ତ ବିମାନ ଉଡ଼ାଣ କରୁଛି। ଏପର୍ଯ୍ୟନ୍ତ ୩,୩୩୭ପର୍ଯ୍ୟଟକ ଜମ୍ମୁ-କଶ୍ମୀର ଛାଡ଼ି ସାରିଲେଣି।

## ରାଜ୍ୟରେ ହେବ ୨୦ ନୂଆ ଏନଏସ

**ଭୁବନେଶ୍ୱର,୨୩/୪**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଗଠନ ହେବ ୨୦ ନୂଆ ଏନଏସି। ନୂଆ ଏନଏସି ଗଠନ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ୨୦ ଏନଏସି ପାଇଁ ଜିଲ୍ଲାରୁ ବିସ୍ତୃତ ରିପୋର୍ଟ ଆସିଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ରିପୋର୍ଟ ମିଳିବା ପରେ ଏହାର ତର୍ଜମା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପଞ୍ଚାୟତିରାଜ ବିଭାଗକୁ ପଠାଇଛି। ପଞ୍ଚାୟତିରାଜ ବିଭାଗର ତର୍ଜମା ପରେ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେବେ। ଏହା ପରେ ନୂଆ ଏନଏସି ଗଠନ ହେବ ବୋଲି କହିଛନ୍ତି ମନ୍ତ୍ରୀ।

## ଏକାଳ ପଖାଳ





ଆତଙ୍କୀ ବିଧର୍ମୀ ମାତିଉଠିଛନ୍ତି
ରାଗରେ ଜଳୁଛି ଦେଶ
ସହିବାର ସୀମା ଟପିଲାଣି ଏବେ
ବେଳ କରିବାର ଶେଷ
ଦେଶ କରେ ବିଶ୍ୱାସ
ପାକ୍ ନିଶ୍ଚୟ ଭୋଗିବ ଫଳ
ବନ୍ଦହେବ ତା' ଶେଷ ନିଃଶ୍ୱାସ

# ହିମାଳୟରେ ୨୩ ବର୍ଷରେ ସବୁଠୁ କମ ବରଫପାତ



**ନୂଆଦିଲ୍ଲୀ, ୨୩/୪**

ହିମାଳୟ-ହିନ୍ଦୁକୁଶ ପର୍ବତ ଶୃଙ୍ଖଳାରେ ବରଫପାତ ଗତ ୨୩ ବର୍ଷରେ ସବୁଠୁ କମ ହୋଇଛି । ଏହି ସ୍ଥିତି ଦୁଇ ବିଲିୟନ୍ ଲୋକଙ୍କ ପାଇଁ ଭୟଙ୍କର ସଂକଟ ସୃଷ୍ଟି କରିପାରେ, ଯେଉଁମାନେ ଗ୍ଲାସିୟର ତରଳିବା ପରେ ବାହାରୁଥିବା ପାଣି ଉପରେ ନିର୍ଭର କରୁଛନ୍ତି । ଇଣ୍ଟରନ୍ୟାସନାଲ୍ ସେଣ୍ଟର ଫର୍ ଇଣ୍ଟିଗ୍ରେଟେଡ୍ ମାଉଣ୍ଟେନ୍ ଡେଭଲପମେଣ୍ଟ ଜାରି କରିଥିବା ନିଜ ରିପୋର୍ଟ ଏହା କହିଛି । ରିପୋର୍ଟରେ କୁହାଯାଇଛି ଯେ ହିମାଳୟ ପର୍ବତ ଶୃଙ୍ଖଳାରେ ବରଫପାତ ହ୍ରାସ ଲଗାତାର ତିନି ବର୍ଷ ହେଲା ଦେଖିବାକୁ ମିଳିଛି । ଫଳରେ ଏହି କ୍ଷେତ୍ରରେ ଜଳ ସୁରକ୍ଷା ପାଇଁ ବଡ଼ ବିପଦ ସୃଷ୍ଟି ହୋଇଛି । ହିମାଳୟ-ହିନ୍ଦୁକୁଶ ପର୍ବତ ଶୃଙ୍ଖଳା ଆଫଗାନିସ୍ତାନରୁ ମ୍ୟାଁମାର ଯାଏ ବ୍ୟାପ୍ତ । ଆର୍କଟିକ୍ ଓ ଆଣ୍ଟାର୍କଟିକ୍ ମହାଦ୍ୱୀପ ପରେ ବରଫ ଓ ଗ୍ଲାସିୟରର ସବୁଠୁ ବଡ଼ ଭଣ୍ଡାର ଏହି କ୍ଷେତ୍ରରେ ରହିଛି । ଏହା ପ୍ରାୟ ୨ ବିଲିୟନ୍ ଲୋକଙ୍କ ପାଇଁ ପିଇବା ପାଣିର ମୁଖ୍ୟ ଉତ୍ସ । ଅନ୍ୟପଟେ କୃଷି, ଘରୋଇ ବ୍ୟବହାର ଓ ଅନ୍ୟ ଆବଶ୍ୟକତା ପାଇଁ ମଧ ଏହି ପାଣି ଉପରେ ନିର୍ଭର କରାଯାଏ । ଆଇସିଆଇଏମଓଡିର ସଦ୍ୟ ରିପୋର୍ଟ ଅନୁସାରେ ଏହି କ୍ଷେତ୍ରରେ ମୌସୁମୀ ବରଫ ଆବରଣ ସ୍ୱାଭାବିକଠାରୁ ୨୩.୬ ପ୍ରତିଶତ କମ ରହିଛି, *(ପୃଷ୍ଠା ୭ରେ)*

# ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି

**ଭୁବନେଶ୍ୱର, ୨୩/୪**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଏଥିଯୋଗୁଁ ଉପକୂଳରୁ ଆରମ୍ଭ କରି ପଶ୍ଚିମଓଡ଼ିଶା ପର୍ଯ୍ୟନ୍ତ ଲୋକେ ଗ୍ରୀଷ୍ମ ତାତିରେ ଆଉଟୁପାଉଟୁ ହେଉଛନ୍ତି। ରାଜ୍ୟରେ ଅସମ୍ଭାଳ ତାତିକୁ ନେଇ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ଆହୁରି ୩ ଦିନ ଅସହ୍ୟ ଗରମ ଓ ଗୁଳୁଗୁଳି କଲବଲ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୨ ଦିନ ଯାଏ ସିଭିୟର ହିଟ୍ ୱେଭ୍‌କୁ ନେଇ ଝାରସୁଗୁଡା ପାଇଁ ପାଣିପାଗ ବିଭାଗ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି । ଦିନର ତାପମାତ୍ରା ୪୬ ଡିଗ୍ରୀ ପାର କରିବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟାରେ ପ୍ରବଳ ତାତିକୁ ନେଇ ୫ ଜିଲ୍ଲା ବୌଦ୍ଧ ବଲାଙ୍ଗୀର, ସମ୍ବଲପୁର, ସୋନପୁର ଓ ସୁନ୍ଦରଗଡକୁ ହିଟ୍ ୱେଭ୍ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ନୂଆପଡା, ବରଗଡ୍,କଳାହାଣ୍ଡି, ଦେଓଗଡ ଓ ଅନୁଗୁଳ ଏହି ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାସହ ଉଷ୍ମ ଓ ଆର୍ଦ୍ର ସ୍ଥିତିକୁ ନେଇ ଉପକୂଳ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଯାଜପୁର, କଟକ, ଜଗତସିଂହପୁର, ପୁରୀ ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, କେନ୍ଦୁଝର, ଢେଙ୍କାନାଳ ଓ ଗଜପତି ଏହି ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଉଷ୍ମ ରାତ୍ରି ପାଇଁ ସମ୍ବଲପୁର ସୁନ୍ଦରଗଡ ଓ ବଲାଙ୍ଗୀର ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି।

ସମ୍ପାଦକୀୟ

31 YEARS

ସମ୍ବାଦ କାଳିକା

# ଭାରତ ହେବ ବିଶ୍ୱର ବଡ଼ ଅର୍ଥନୀତି

ଭାରତର ଜି-୨୦ ସେର୍ପା ଓ ନିତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ କହିଛନ୍ତି ଯେ ୨୦୨୫ରେ ଜାପାନକୁ ଅତିକ୍ରମ କରି ଭାରତ ବିଶ୍ୱର ଚତୁର୍ଥ ବଡ଼ ଅର୍ଥନୀତି ଭାବେ ଉଭା ହେବ। ବର୍ତ୍ତମାନ ଆମେରିକା, ଚୀନ୍, ଜର୍ମାନୀ ଓ ଜାପାନ ପଛକୁ ଭାରତ ପଞ୍ଚମ ବଡ଼ ଅର୍ଥନୀତି ହୋଇରହିଛି। ଦଶ ବର୍ଷ ପୂର୍ବେ ଭାରତ ବୃହତ ଅର୍ଥନୀତି ମଧ୍ୟରେ ଏକାଦଶତମ ସ୍ଥାନରେ ଥିଲେ। ଏହାପରେ କିନ୍ତୁ ସେଥିରେ ଦ୍ରୁତ ବୃଦ୍ଧି ଘଟିଛି। ଅର୍ଥନୀତିରେ ଅନେକ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିଛି। ବର୍ତ୍ତମାନ ଭାରତ ହେଉଛି ଏକ ୩.୭ ଟ୍ରିଲିଅନ ଡଲାର ଅର୍ଥନୀତି।

ଅମିତାଭଙ୍କ ମତରେ ୨୦୧୫ରେ ଭାରତ ପାଞ୍ଚଟି ସଂଘର୍ଷ କରୁଥିବା ଅର୍ଥନୀତି ମଧ୍ୟରୁ ଅନ୍ୟତମ ଥିଲା। ବ୍ରାଜିଲ୍, ଇଣ୍ଡୋନେସିଆ, ଦକ୍ଷିଣ ଆଫ୍ରିକା ଓ ତୁର୍କୀ ସହ ଭାରତକୁ ସେହି ତାଲିକାରେ ମର୍ଗାନ୍ ଷ୍ଟାନ୍ଲିର ବିଶେଷଜ୍ଞମାନେ ସାମିଲ କରିଥିଲେ। ଏବେ ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇଛି। ଏହା ପଛର କାରଣଗୁଡ଼ିକ ହେଉଛି ଜିଏସ୍ଟି ସଂଗ୍ରହରେ ରେକର୍ଡ, ଅଭିବୃଦ୍ଧି ୮%ରୁ ଅଧିକ ରହିବା, ୨୭ଟି ଦେଶ ସହ ଭାରତୀୟ ମୁଦ୍ରାରେ କାରବାର ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବା। କେବଳ ସେତିକି ନୁହେଁ, ଇସ୍ପାତ, ସିମେଣ୍ଟ ଓ ଗାଡ଼ି ଉତ୍ପାଦନରେ ଦୁଇ ଗୁଣା ବୃଦ୍ଧି ହୋଇଥିଲା ବେଳେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିରେ ଭାରତ ବିଶ୍ୱର ଅଗ୍ରଣୀ ଦେଶ ଭାବେ ଉଭା ହୋଇଛି। ବିଶ୍ୱର ୪୬ ପ୍ରତିଶତ ଡିଜିଟାଲ୍ କାରବାର ଭାରତରେ ହେଉଛି। ଜନ ଧନ ଖାତାରେ ୨.୩୨ ଲକ୍ଷ କୋଟି ଟଙ୍କା ରହିଛି। ସେ କହିଛନ୍ତି ଯେ ୨୦୦୩-୪ରୁ ୨୦୧୩-୧୪ ମଧ୍ୟରେ ହାରାହାରି ମୁଦ୍ରାସ୍ଫୀତି ୮.୨ ପ୍ରତିଶତ ଥିବା ବେଳେ ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ତାହା ୫%କୁ ହ୍ରାସ ପାଇଛି। ନିକଟରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପ୍ରକାଶ କରିଥିବା ଏକ ରିପୋର୍ଟରେ ଆକଳନ କରିଛି ଯେ ଭାରତ ବିଶ୍ୱର ସବୁଠୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ଅର୍ଥନୀତି ହୋଇରହିବ। ଏହା ଭାରତ ପାଇଁ ନିଜର ଅଭିବୃଦ୍ଧି ଆକଳନକୁ ୬.୫ ପ୍ରତିଶତରୁ ବଢ଼ାଇ ୬.୮ ପ୍ରତିଶତ କରିଛି। ୨୦୨୧-୨୨ରେ ଭାରତର ଅଭିବୃଦ୍ଧି ୮.୭ ପ୍ରତିଶତ ଥିବା ବେଳେ ୨୦୨୨-୨୩ରେ ୭.୨ ପ୍ରତିଶତ ରହିଛି। ଫଳରେ ବିଶ୍ୱ ଅର୍ଥନୀତି ପ୍ରତି ଭାରତର ଅବଦାନ ଆହୁରି ଦୃଢ଼ ହୋଇପାରିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ମା**



ଶ୍ରୀ ଅଭିରାମ ସରସ୍ୱତୀ

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୬)

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୭)


ଲୋଡା ନାହିଁ ମୋର ସାରା ଜଗତ ତୋ ନାମ ମୋ ହୃଦେ କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତ
ଦୁର୍ଗସ୍ୱା ନାରାୟଣୀ ଶକ୍ତି ମୋ ମା
ତଥାପି 'ମା'ମୁଁ
ତୋହରି ନାମକୁ ଭୁଲିବି ନାହିଁ (୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୧୦)

(କ୍ରମଶଃ)

# ଯୁଦ୍ଧକ୍ଷେତ୍ରର ସଂକଳ୍ପ : ଶସ୍ୟକ୍ଷେତ୍ରର ସ୍ୱପ୍ନ



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩

ଆଜିର ପୃଥିବୀ ଯଦି ନିଜ ସଭ୍ୟତାର ଇତିହାସ ଲେଖିବାକୁ ଚାହେଁ, ସେ ଇତିହାସ ଏବେ ଆଉ ରକ୍ତାଶ୍ରୁରେ ରଚିତ ନ ହେଉ। ଯୁଦ୍ଧକ୍ଷେତ୍ରର ସଂକଳ୍ପ ହେଉ ଶସ୍ୟକ୍ଷେତ୍ରର ସ୍ୱପ୍ନକୁ ସାକାର କରିବାର ଶୁଭାରମ୍ଭ। ଭବିଷ୍ୟତର ଏହି ମାନବିକ ମାର୍ମିକ ଆହ୍ୱାନ ଆଜି କେବଳ ଭାରତୀୟ କି ପାକିସ୍ତାନୀ ଜବାନମାନଙ୍କ ପାଇଁ ନୁହେଁ – ସାଂପ୍ରତିକ ପୃଥିବୀର ସମସ୍ତ ସାମରିକ ସାମନ୍ତଙ୍କ ପ୍ରତି ଉତ୍ତର ପିଢିର ଅନୁଚ୍ଚାରିତ ଅଥଚ ଆତ୍ମିକ ଉଚ୍ଚାରଣ।

ପ୍ରାଚୀନ ଭାରତବର୍ଷର ଆତ୍ମା ଆଜି ମଧ୍ୟ କୁରୁକ୍ଷେତ୍ରରେ ଖୋଜିବୁଲେ ଅସ୍ତସୂର୍ଯ୍ୟର ଅସ୍ଥିକଂକାଳସାର ଅସ୍ତିତ୍ୱ ... ଶୁଣୁଥାଏ ସମରାହତ ସମୟାନ୍ତରର ସକରୁଣ ଶୋକସଂଗୀତ ... କଢୁଥାଏ ପ୍ରମୂର୍ତ୍ତ ପ୍ରତ୍ନତତ୍ତ୍ୱର ପ୍ରଚ୍ଛନ୍ନ ପ୍ରଚ୍ଛଦପଟ ! ହଁ, ଆଜି ମଧ୍ୟ କୁରୁକ୍ଷେତ୍ରରବତାସୀ ବାୟୁପ୍ରବାହରେ କାଳକାଳର କୋହୋଚ୍ଛଳ କାରୁଣ୍ୟ ସୃଷ୍ଟି କରେ ଶତ ସ୍ପନ୍ଦନ, ସହସ୍ର ଶିହରଣ, ଅଜସ୍ର ଅନ୍ତର୍ଜ୍ୱଳନ !

କେବେ ଦିନେ ପ୍ରାଚୀନ ଭାରତବର୍ଷରେ ପ୍ରବାହିତ ହେଉଥିଲା ସରସ୍ୱତୀ ନଦୀ – ଏବେ ଲୁପ୍ତ। ମାତ୍ର ଏହି ପବିତ୍ର ପୁଣ୍ୟତୋୟାର ତୀରଭାଗ ଥିଲା ବୈଦିକ ସଂସ୍କୃତିର ଜନ୍ମଭୂମି। ଏକଦା କୁରୁକ୍ଷେତ୍ର ଥିଲା ଏହି ସରସ୍ୱତୀ ଓ ଦୃଶ୍ୟବତୀ ନଦୀଯୁଗଳର ସୁବିସ୍ତୃତ ମଧ୍ୟବର୍ତ୍ତୀ ଅଞ୍ଚଳ ବ୍ରହ୍ମାବର୍ତ୍ତର ଅଂଶବିଶେଷ – ଅଧୁନା ଯାହାର ଆଭାସଚିତ୍ର ଥାନେଶ୍ୱର ସହରଠାରୁ ତିନି କିଲୋମିଟର ଦୂରବର୍ତ୍ତୀ ଆମ୍ବାଲା ଓ ଦିଲ୍ଲୀ ମଧ୍ୟରେ ମାନଚିତ୍ରିତ ମାତ୍ର ! ବୈଦିକ ଯୁଗର ଋଷି ଓ ଋତ୍ୱିକମାନଙ୍କର ଯଜ୍ଞଭୂମି ଥିଲା ଏ ଅଂଚଳ।

ବୈଦିକ ଯଜ୍ଞଭୂମି କୁରୁକ୍ଷେତ୍ର ଦିନେ କିନ୍ତୁ ହୋଇଉଠିଲା ମହାଭାରତୀୟ ଯୁଦ୍ଧଭୂମି। ତା'ପରେ ?

ସେହି ଯୁଦ୍ଧଭୂମି ଏକ ମହାନ ସଭ୍ୟତାର ଶ୍ମଶାନଭୂମିରେ ପରିଣତ ହେଲା କ୍ରମେ। ଏପଟେ ସରସ୍ୱତୀ ନଦୀ ତୀରବର୍ତ୍ତୀ ଏକ ଲୋମହର୍ଷକ ଗୃହଯୁଦ୍ଧ ମଧ୍ୟରେ ବଳି ପଡିଗଲା ଭବ୍ୟ ଭାରତବର୍ଷର ଭ୍ରାତୃବଂଶ, ଏବଂ ସେପଟେ ଏରକା ବନଭୂମିରେ ଅବିଚାରିତ ଆତ୍ମବିବାଦର ଜଘନ୍ୟ ବିଭୀଷିକାରେ ବ୍ୟାପୃତ ହୋଇ ସମୂଳେ ନିଶ୍ଚିହ୍ନ ହୋଇଗଲେ ସମଗ୍ର ଦୁର୍ଦ୍ଧର୍ଷ ଯାଦବବଂଶ। ମହାବଳୀ ବଳରାମ ଓ ଅବତାର-ପୁରୁଷ ଶ୍ରୀକୃଷ୍ଣଙ୍କର ଦେହତ୍ୟାଗ ପରେ ଅତଳତଳ ଜଳରାଶିରେ ବିଲୀନ ହୋଇଗଲା ସମଗ୍ର ଦ୍ୱାରକାନଗ୍ର। ଏହି ଦୁଇ ମହାଭୟାବହ ଯୁଦ୍ଧବିଗ୍ରହର ଅବଶ୍ୟମ୍ଭାବୀ ପରିଣାମସ୍ୱରୂପ ଭାରତବର୍ଷରୁ କ୍ଷୟ ହୋଇଗଲା ଅମିତ କ୍ଷମତାଶୀଳ କ୍ଷାତ୍ରଶକ୍ତି।

ପ୍ରାଗୈତିହାସିକ ମହାଭାରତ ଯୁଦ୍ଧରୁ ଆରମ୍ଭ କରି ଐତିହାସିକ ତିରୋରୀ ଓ ପାନିପଥ ଯୁଦ୍ଧ ପର୍ଯ୍ୟନ୍ତ ସଭ୍ୟତାର ବହୁ କ୍ଷତଚିହ୍ନ ବହନ କରିଛି କୁରୁକ୍ଷେତ୍ର।

ସବୁ ସଭ୍ୟତାର ଭଗ୍ନାବଶେଷ ଯେଉଁ ଭିତ୍ତିଭୂମି ଉପରେ ନିଜ ଭସ୍ମାଚ୍ଛାଦିତ ଅତୀତର ଅସହାୟ ଅସ୍ତିତ୍ୱ ଘୋଷଣା କରୁଛି, ସେ ଭିତ୍ତିଭୂମି ପ୍ରକୃତ ପକ୍ଷରେ ଗୋଟିଏ ଗୋଟିଏ ସକରୁଣ ସ୍ମୃତିଜର୍ଜରିତ ଯୁଦ୍ଧଭୂମି ! ଏଇ ଯୁଦ୍ଧଭୂମିର ଜୟ-ପରାଜୟକୁ କେନ୍ଦ୍ର କରି ଇତିହାସ ଗୋଟିଏ ଗୋଟିଏ କରୁଣା ଅଧ୍ୟାୟ ରଚନା କରିଆସିଛି – ରକ୍ତରେ, ଅଶ୍ରୁରେ, ଅନ୍ତରାତ୍ମାରେ ଉତ୍ତପ୍ତ ଦୀର୍ଘଶ୍ୱାସରେ। ଆଜି ବି ଯେକୌଣସି ଧୂସର ଧ୍ୱଂସସ୍ତୂପକୁ ପ୍ରଶ୍ନ କଲେ, ସେ ହୁଏତ ଉତ୍ତର ଦେବ – ଏଇଠି ନଦୀର ଧାରା ସହିତ ଦିନେ ତାଳ ଦେଇଥିଲା ଚଳଚଞ୍ଚଳ ମଣିଷର ଉତ୍ତାଳ ଜୀବନଧାରା ... ପ୍ରକୃତିର ପୃଷ୍ଠଭୂମିକୁ ପରିତ୍ୟାଗ କରି ଯେଉଁଦିନ ମଣିଷ ନିଜ ପ୍ରବୃତିର ବରାଦୀ ନିର୍ଦ୍ଦେଶରେ ଯୁଦ୍ଧଭୂମିକୁ ଜୟ-ପରାଜୟର ନିର୍ଣ୍ଣାୟକ କ୍ଷେତ୍ର ରୂପେ ଗ୍ରହଣ କରିନେଲା, ସେଇଦିନଠୁ ହିଁ ଆରମ୍ଭ ହେଲା ସଭ୍ୟତାର ପତନପର୍ବ।

ଭାରତ-ପାକିସ୍ତାନ ଯୁଦ୍ଧରେ ପାକିସ୍ତାନ ୩ ଥର ହାରିଛି। ବର୍ତ୍ତମାନ ଦେଶ ମଧ୍ୟରେ ଅଦୂର ଭବିଷ୍ୟତରେ ଯୁଦ୍ଧ ହେବ କି ନାହିଁ ସେ ନେଇ କଳ୍ପନାଜଳ୍ପନା ଚାଲିଛି। ସାଧାରଣତଃ ବିଶ୍ୱର ଶାନ୍ତିକାମୀ ସାଧାରଣବର୍ଗର ମଣିଷ କେବେବି ଯୁଦ୍ଧ ଦେଖିବାକୁ ଚାହେଁନା। ଉଭୟ ଦେଶରେ ପରମାଣୁ ବୋମା ଅଛି। ଏହାର ଅପରିଣାମଦର୍ଶୀ ବ୍ୟବହାର ହେଲେ ସାରା ବିଶ୍ୱରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ।

ଭାରତ-ପାକିସ୍ତାନ ଚତୁର୍ଥ ଯୁଦ୍ଧ ହେବାମାନେ ହିଁ ପାଖାପାଖି ଏକଶହ ପରମାଣୁ ବୋମା ବିନିଯୋଗ ହେବାର ଆଶଙ୍କା ରହିଛି ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରୁଛନ୍ତି। ୨ୟ ବିଶ୍ୱଯୁଦ୍ଧରେ ଜାପାନର ହିରୋସୀମାରେ ନିକ୍ଷିପ୍ତ ବୋମା ସହ ପ୍ରତ୍ୟେକ ବୋମାର ଧ୍ୱଂସ କ୍ଷମତା ସମାନ। ପରମାଣୁ ଯୁଦ୍ଧ ହେଲେ ପ୍ରଥମ ପର୍ଯ୍ୟାୟରେ ହିଁ ଦୁଇକୋଟି ଦଶ ଲକ୍ଷ ଲୋକ ସଂଗେ ସଂଗେ କାଳାନ୍ତକ ମୃତ୍ୟୁର କରାଳ କୃଷ୍ଣଗହ୍ୱର ମଧ୍ୟରେ ନିଖୋଜ୍ ହୋଇଯିବେ ଆଖିପିଛୁଳାକେ। ସୂର୍ଯ୍ୟଙ୍କଠାରୁ ଆସୁଥିବା ଦୁର୍ବିସହ ଘାତକ ରଶ୍ମି ଦାଉରୁ ସମଗ୍ର ବିଶ୍ୱକୁ ସୁରକ୍ଷା ଯୋଗାଉଥିବା ବାୟୁମଣ୍ଡଳୀୟ ଓଜୋନସ୍ତରର ଅନ୍ୟୂନ ଅର୍ଦ୍ଧାଂଶ ନଷ୍ଟ ହୋଇଯିବ। ସାରା ପୃଥିବୀରେ ଧୂଆଁ ଓ ଧୂଳିର ଆସ୍ତରଣ ଛାଇ ଯିବା ସହ ଭୟଙ୍କର ଶୀତ ସହ ମୌସୁମୀ ଜଳବାୟୁକୁ ବିପର୍ଯ୍ୟସ୍ତ କରିଦେଇ ଏହା ବିଶ୍ୱବ୍ୟାପୀ କୃଷିକ୍ଷେତ୍ରକୁ ଉଜାଡି ଦେବ। ଉକ୍ତ ଖାଦ୍ୟାଭାବରେ ପଡି ବିଶ୍ୱର ଦୁଇଶହ କୋଟି ଲୋକ ଛଟପଟ ହୋଇ ମରିଯିବେ।

ଏହି ବିଶ୍ୱବକ୍ଷରେ ତ୍ରେତୟା, ଦ୍ୱାପର ଯୁଗରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଯେତେ ଯୁଦ୍ଧ, ମହାଯୁଦ୍ଧ, ବିଶ୍ୱଯୁଦ୍ଧ ସଂଘଟିତ ହୋଇଯାଇଛି ସବୁଠି ଇତିହାସର ପାଉଣା କେବଳ ଧ୍ୱଂସ ଆଉ ଧ୍ୱଂସ। ଏବେ କିନ୍ତୁ ବିଜ୍ଞାନର ଅଗ୍ରଗତି ଯେଉଁଳି ବିଶ୍ୱବିକାଶର ସହାୟକ ହୋଇଛି – ସେହିପରି ବିଶ୍ୱ ଧ୍ୱଂସର ମଧ୍ୟ କାରଣ ଭାବେ ଉଭା ହୋଇଛି। ଯେକୌଣସି ପକ୍ଷର ବୁଦ୍ଧିବଣା ହୋଇ ରକ୍ତଚାଉଳ ଚୋବାଇଲେ କେହି ଚାହୁଁନଥିବା ଯୁଦ୍ଧକୁ ସେମାନେ ଆଦରି ନେବେ।

ଏବେ ଭାରତୀୟ ସେନାଙ୍କ ଅତର୍କିତ ଆକ୍ରମଣକୁ 'ସର୍ଜିକାଲ୍ ଷ୍ଟ୍ରାଇକ୍' କୁହାଯାଉଛି। 'ସର୍ଜିକାଲ୍ ଷ୍ଟ୍ରାଇକ୍' ପୋଷାକୀ ଶବ୍ଦ ନୁହେଁ। ପୂର୍ବରୁ ଆମେରିକା - ପାକିସ୍ତାନରେ ସର୍ଜିକାଲ ଷ୍ଟ୍ରାଇକ୍ କରି ଓସାମାବିନ୍ ଲାଡେନକୁ ହତ୍ୟା କରିଥିଲେ। ପୁରାଣରେ ହନୁମାନ ଲଙ୍କା ଦହନ କରି ଫେରି ଆସିଥିଲେ। ସଂପ୍ରତି ଆମେରିକା ଭାରତରେ ଅନ୍ତରଙ୍ଗ ବନ୍ଧୁଭାବ ଦେଖାଇଲା ବେଳେ ଚୀନ୍ ଯଦିଓ ପାକିସ୍ତାନର ସଂଗୀ; କିନ୍ତୁ ସେ ତା'ର କୂଟନୈତିକ ଖେଳ ଖେଳି ଚାଲିଛି। ରାଜନୀତିକ ଓ ସାମରିକ ଯୁଦ୍ଧ ପୂର୍ବରୁ କୂଟନୈତିକ ଯୁଦ୍ଧ ଆରମ୍ଭ ହୋଇଯାଇଛି। କିଏ କାହାର ଦୁର୍ବଳତାର ସୁଯୋଗ ନେଉଛି, ତାହା ବିଶ୍ୱର ଶକ୍ତିଶାଳୀ ଦେଶମାନେ ସତର୍କ ଦୃଷ୍ଟି ରଖିଛନ୍ତି।

ଭାରତ-ପାକିସ୍ତାନ ଉଭୟ ପଟରୁ ଶାସକ-ସାମରିକ-ଅନ୍ୟାନ୍ୟ ଦଳ ବାକ୍‌ସଂଯମ ଅବଲମ୍ବନ କରିବା ଏକାନ୍ତ ଆବଶ୍ୟକ। କଥା କଥାରେ ଟିହାଟିହି ହେଲେ ଅବସ୍ଥା କେଉଁ ଆଡକୁ ଗତି କରିବ କହି ହେବନି। ଏବେଠାରୁ ସମଗ୍ର ବିଶ୍ୱ ସପକ୍ଷ-ବିପକ୍ଷ-ନିରପେକ୍ଷ ଅଛନ୍ତି। ସାମରିକ ଯୁଦ୍ଧରୁ ଜଳଯୁଦ୍ଧ ଆଡକୁ ମଧ୍ୟ ମୁହାଁଇଲାଣି। ଭାରତ-ପାକିସ୍ତାନ ମଧ୍ୟରେ ସିନ୍ଧୁନଦୀ ଚୁକ୍ତି, ଚୀନ୍-ଭାରତ ମଧ୍ୟରେ ବ୍ରହ୍ମପୁତ୍ର ଯେପରି କର୍ଣ୍ଣାଟକ-ତାମିଲନାଡୁରେ କାବେରୀ ଜଳବିବାଦ, ଓଡିଶା-ଆନ୍ଧ୍ର ମଧ୍ୟରେ ପୋଲାଭରମ, ଓଡିଶା-ଛତିଶଗଡ ମଧ୍ୟରେ ମହାନଦୀ ବିବାଦ ଏବଂ ବାଂଲାଦେଶ-ପଶ୍ଚିମବଙ୍ଗ ମଧ୍ୟରେ ତିସ୍ତାଜଳ ବିବାଦ ସମସ୍ୟା ବଢିବାରେ ଲାଗିଛି। ପ୍ରକୃତିଦତ୍ତ ଜଳକୁ ନେଇ ମଧ୍ୟ ଭବିଷ୍ୟତରେ ଭୟଙ୍କର ଜଳଯୁଦ୍ଧ ଲାଗିଯାଇପାରେ। ଗୋଟିଏ ବାକ୍ୟରେ କହିବାକୁ ଗଲେ ସମଗ୍ର ପୃଥିବୀବାସୀ ଅନାଗତ ଭବିଷ୍ୟତରେ ଜଳ-ସ୍ଥଳ-ଆକାଶବ୍ୟାପୀ ଏକ ସମ୍ଭାବ୍ୟ ମହାତ୍ରାସର ମୂକସାକ୍ଷୀ ହେବାକୁ ଯାଉଛନ୍ତି। ଆଜି ଅନ୍ତଃକରଣରେ ପ୍ରାର୍ଥନା କରୁଛି – ହେ ମର୍ତ୍ତ୍ୟବାସୀ ମନୁଷ୍ୟସନ୍ତାନମାନେ, ପ୍ରତ୍ୟେକ କରାଳ-କରୁଣ ଯୁଦ୍ଧଭୂମିକୁ ତୁମେମାନେ ଆଜିଠାରୁ ଶ୍ୟାମଳ-ସବୁଜ ଶସ୍ୟଭୂମିରେ ରୂପାନ୍ତରିତ କରିବାର ଶପଥ କର। ସବୁ ରକ୍ତକର୍ଦ୍ଦମାକ୍ତ ରଣକ୍ଷେତ୍ରର ରୂପ ବଦଳିଯାଉ ରାଶିରାଶି ଫୁଲ ଫୁଟୁଥିବା ଏକ ଚମତ୍କାର ଅନିନ୍ଦ୍ୟସୁନ୍ଦର ଉପବନର ଚଟୁଳ ଚେହେରାରେ ! ପତ୍ର-ଫୁଲ-ଫଳର ଫର୍ଦ୍ଦପାଠ କରୁ ଏ ପ୍ରତାରିତ ପୃଥିବୀ – ଆଜିଠାରୁ ଏଇ ସଂକଳ୍ପ ଗ୍ରହଣ କର, ହେ ବିଶ୍ୱବାସୀ !

ଏଇ ପୃଥିବୀ ବକ୍ଷରେ ଦି'ଦିଇଟା ବିଶ୍ୱଯୁଦ୍ଧ ଘଟିଯାଇଛି। ଯୁଦ୍ଧଖୋର ଦେଶ ଆଉ ନେତାମାନେ କ୍ଷମତା, ସମ୍ପତ୍ତି ଦଖଲ ପାଇଁ କେତେ ଯେ ପରମାଣୁ ବୋମା, ନାପମ୍ ବୋମା ନିକ୍ଷେପ କରିଛନ୍ତି ତା'ର ଟିକିନିଖି ବିବରଣୀ ମିଳିନାହିଁ। କେତେ ଯେ ଧନଜୀବନ ପୋଡ଼ି ପାଉଁଶ ହୋଇଯାଇଛି – ଇତିହାସ ତା'ର କିଛିଟା ହିସାବ ରଖିଛି ହୁଏତ। ଏବେ ମଧ୍ୟ ଆଉ ଏକ ତୃତୀୟ ବିଶ୍ୱଯୁଦ୍ଧ ପାଇଁ ରକ୍ତପିପାସୁ ପୁଞ୍ଜିବାଦୀ ଦେଶମାନେ ସଜବାଜ ହେଉଛନ୍ତି। ଏକ ଆସନ୍ନ ସାମରିକ ସଂତ୍ରାସବାଦର ଈଗଲଡେଣା ତାର କରାଳଛାୟାରେ ପୃଥିବୀକୁ ଢାଙ୍କିରଖିବାକୁ ଅଶୁଭ ଉଡ଼ାଣ ଆରମ୍ଭ କରିସାରିଛି। ସବୁଦେଶର ଯୁଦ୍ଧବଜେଟ୍‌ରେ ଯେଉଁ ଅକଳନ୍ତି ଧନରାଶି ଅପବ୍ୟୟ ପାଇଁ ବନ୍ଦୋବସ୍ତ କରାଯାଉଛି – ତାହାର ଅର୍ଦ୍ଧାଂଶ ଯଦି ପୃଥିବୀରୁ ଭୋକ ଓ ରୋଗର ମୂଳପୋଛ ଦିଗରେ ବ୍ୟୟିତ ହୋଇପାରନ୍ତା, ତା'ହେଲେ ଏକ କ୍ଷୁଧାମୁକ୍ତ ଓ ବ୍ୟାଧିମୁକ୍ତ ବିଶ୍ୱ ଆଉ ଦିବାସ୍ୱପ୍ନ ହୋଇ ରହିପାରନ୍ତା କି ? ଏଥିପାଇଁ କିନ୍ତୁ ସଂକଳ୍ପବଦ୍ଧ କାର୍ଯ୍ୟକ୍ରମ ଆରମ୍ଭ କରି ଏ ମହାନ୍ ସ୍ୱପ୍ନର ଚାରାଗଛକୁ ସତ୍ୟର ଫଳନ୍ତିଗଛରେ ପରିଣତ କରିବାକୁ ହେଲେ ଆମ ସମସ୍ତଙ୍କୁ ହେବାକୁ ପଡ଼ିବ – ଏକ କ୍ରୋଧମୁକ୍ତ ବିଶ୍ୱସମାଜ ଗଠନ ନିମନ୍ତେ ନିବେଦିତ ଜଣେଜଣେ ନବମାନବ ନିଶ୍ଚୟ।

ଆମେ କିନ୍ତୁ ଆମ ଜୀବଦ୍ଦଶାରେ ଏ ପୃଥିବୀରୁ ଏହି ଭୋକ ଓ ରୋଗର ମୃତ୍ୟୁତାରିଖ ଘୋଷଣା କରିବାପାଇଁ ଆଜିଠୁ ଅଙ୍ଗୀକାରବଦ୍ଧ ଅଭିଯାତ୍ରା ଆରମ୍ଭ କରିବା। ଶପଥ କର – ଶପଥ କର – ଶପଥ କର ! କୋଟିକଣ୍ଠରେ ଏ ଶପଥ ହେଉ ଗୋଟିଏ ସ୍ୱର।

## ଜନ ଗଣର ସ୍ୱାସ୍ଥ୍ୟ- ୧୦

# ଚିନ୍ତା ଓ ଚାପ ଥିଲେ ଦୂରେ, ରୁହେ ସେ ପ୍ରାଣୀ ନିରୋଗରେ



ଡାକ୍ତର ଅଂଶୁମାନ କର
ଅନନ୍ୟ ନିକେତନ, ଏନ -୧/୧୮୩ ଆଇ.ଆର.ସି ଭିଲେଜ
ଭୁବନେଶ୍ୱର -୧୫
ମୋ-୯୭୭୮୦୩୦୪୯୪

ଆମ ଶରୀରର ଦୁଇଟି ପ୍ରମୁଖ ସାରଥୀ ହେଲା ଆମ ମନ ଓ ମସ୍ତିଷ୍କ। ଯେଉଁ ବ୍ୟକ୍ତିର ଏହି ଦୁଇ ସାରଥୀଙ୍କ ମଧ୍ୟରେ ସନ୍ତୁଳନ ଅଛି, ସେଇ ବ୍ୟକ୍ତିର ଜୀବନ ରଥ ନିର୍ବିଘ୍ନରେ ଗଡିଥାଏ। ଆମ ଶରୀରରେ ହୃଦୟ ଓ ମସ୍ତିଷ୍କ ପରସ୍ପର ପରିପୂରକ। ଅର୍ଥାତ ଉଭୟଙ୍କ ଫିଜିଓଲଜିକାଲ ଓ ପାଥୋଲଜିକାଲ ଆଚରଣ ଓ ପ୍ରଚଳନରେ କୌଣସି ତ୍ରୁଟି ନଥିବ। ମାତ୍ର ପିଣ୍ଡର ଆରମ୍ଭରୁ ପିଣ୍ଡର ମୃତ୍ୟୁ ପର୍ଯ୍ୟନ୍ତ ଏ ଦୁଇଟି ଅଙ୍ଗ ଅନବରତ କାର୍ଯ୍ୟ କରୁଥିବା ବେଳେ ଜୀବନର ଅନେକ ଉତ୍ଥାନ-ପତନ ଦେଇ ଗତି କରିଥାଏ। ସାମାଜିକ, ପାରିବାରିକ, ଜାଗତିକ ଓ ନିଜସ୍ୱ ଜଞ୍ଜାଳରେ ଛନ୍ଦି ହୋଇ ମଣିଷ ଅନେକ ଚିନ୍ତା ଓ ଚାପ ଦେଇ ଗତି କରିଥାଏ। ଏହି ଚିନ୍ତା ଓ ଚାପ ସହ୍ୟ କରିବା, ଏହା ସହ ଯୁଦ୍ଧ କରିବା ଓ ଏହାକୁ ନିୟନ୍ତ୍ରଣ କରିବା ପ୍ରତିଟି ମଣିଷଙ୍କ କ୍ଷେତ୍ରରେ ଚାରିତ୍ରିକ ଭାବେ ଭିନ୍ନ ଭିନ୍ନ ହୋଇଥାଏ। ଯିଏ ଏହି ମନ୍ଥନକୁ ପାର କରିଯାଏ ସିଏ ଜୀବନର ନୌକାରେ ଆରାମରେ ଯାତ୍ରା କରେ ଓ ଅନ୍ୟ ଜନଟି କଷ୍ଟ ପାଏ। ସ୍ୱାସ୍ଥ୍ୟ କହିଲେ କେବଳ ଶାରୀରିକ ସ୍ୱାସ୍ଥ୍ୟ ନୁହେଁ ବରଂ ମାନସିକ ସ୍ୱାସ୍ଥ୍ୟ ମଧ୍ୟ ଜରୁରୀ।

ଏହି ମାନସିକ ସ୍ୱାସ୍ଥ୍ୟକୁ ସମାଜର ଏକ ରୂଢିବାଦି ବିଚାରଧାରାର ପରିଧି ଭିତରେ ଦେଖି ଆମେ ଅନେକ ଅନାବଶ୍ୟକ ସମସ୍ୟାକୁ ଡାକି ଅଣୁଛେ। ତେଣୁ ଜନ ସ୍ୱାସ୍ଥ୍ୟର ଆଜିର ଏହି ଅଧ୍ୟାୟରେ ଆମେ ମାନସିକ ଚିନ୍ତା ଓ ଚାପର କିଛିଟା ଗୁରୁତ୍ୱପୂର୍ଣ୍ଣ ଦିଗଉପରେ ଆଲୋଚନା କରିବା। ଏପ୍ରିଲ ମାସକୁ ଆନୁଷ୍ଠାନିକ ଭାବରେ ଚାପ ସଚେତନତା ମାସ ଭାବରେ ସ୍ୱୀକୃତି ଦିଆଯାଇଛି, ଏହା ଏକ ବାର୍ଷିକ କାର୍ଯ୍ୟକ୍ରମ ଯାହା ଚାପର କାରଣ, ପ୍ରଭାବ ଏବଂ ପରିଚାଳନା ବିଷୟରେ ଜନ-ସଚେତନତା ବୃଦ୍ଧି କରିବା ଉପରେ ଧ୍ୟାନ ଦିଏ। ଏହା ମାନସିକ ଏବଂ ଶାରୀରିକ ସୁସ୍ଥତାକୁ ଉନ୍ନତ କରିବା ପାଇଁ ଚାପ ପରିଚାଳନା, ଆତ୍ମ-ଯତ୍ନ ଏବଂ ସୁସ୍ଥ ମୁକାବିଲା ରଣନୀତିର ଗୁରୁତ୍ୱକୁ ଉଜ୍ଜ୍ୱଳ କରିବାର ସମୟ। ଲକ୍ଷ୍ୟ ହେଉଛି ବ୍ୟକ୍ତିବିଶେଷଙ୍କୁ ଚାପ ହ୍ରାସ କରିବା ଏବଂ ସେମାନଙ୍କର ସାମଗ୍ରିକ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ପାଇଁ ସକ୍ରିୟ ପଦକ୍ଷେପ ନେବାକୁ ଉତ୍ସାହିତ କରିବା। ଚାପ ସ୍ତର ହ୍ରାସ କରିବା ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତାରେ ଉନ୍ନତି ଆଣିବା ପାଇଁ ଚାପ ପରିଚାଳନା, ଆତ୍ମ-ଯତ୍ନ ଏବଂ ଆରାମ କୌଶଳର ଗୁରୁତ୍ୱକୁ ଉଜ୍ଜ୍ୱଳ କରିବାର ଏହା ଏକ ସମୟ। ୧୯୯୨ ମସିହାରୁ ପ୍ରତି ଏପ୍ରିଲରେ ପାଳନ କରାଯାଉଥିବା 'ଚାପ ସଚେତନତା ମାସର' ଲକ୍ଷ୍ୟ ହେଉଛି ଚାପର କାରଣ ଏବଂ ପ୍ରତିକାର ବିଷୟରେ ଜନସଚେତନତା ବୃଦ୍ଧି କରିବା। ୨୦୨୫ ମସିହାରେ, ନିର୍ଦ୍ଦିଷ୍ଟ ବିଷୟବସ୍ତୁ ହେଉଛି ଖରବୟ ଡସପ୍ୱଷ ଖକ୍କଙ୍ଗର, ଯାହା ବ୍ୟକ୍ତିମାନଙ୍କୁ ସମ୍ମୁଖୀନ ହେଉଥିବା ପ୍ରତିରୋଧ ଓ ଚାପକୁ ଖାତିର ନକରି ନିଜକୁ ଏବଂ ଅନ୍ୟମାନଙ୍କୁ ଦୟା, କରୁଣା ଏବଂ ଗ୍ରହଣୀୟତା ସହିତ ଯୋଗାଯୋଗ କରିବାକୁ ଉତ୍ସାହିତ କରେ। ଏହା ମୁଖ୍ୟତଃ ଆମକୁ ଆତ୍ମ-ମନ୍ଥନ କରିବା ସହ ନିଜର ବ୍ୟକ୍ତିତ୍ୱକୁ ନିଜେ ଭଲ ପାଇବା ବିଷୟରେ ଲୋକମାନଙ୍କୁ ଜାଗ୍ରତ କରିବାକୁ ଚେଷ୍ଟା କରୁଛି।

ଚାପଗ୍ରାସିତ ହୋଇ ମାନସିକ ଅଶାନ୍ତିରୁ ଶାରୀରିକ ପୀଡାର ଏକ ମୁଖ୍ୟ କାରଣ ହେଲା ଆତ୍ମ-ଗ୍ଲାନି ବା ଆତ୍ମ ହତୋତ୍ସାହ। ଆମର ଶରୀର ଏକ ମନ୍ଦିର ଭଳିଆ, ଏହି ମନ୍ଦିରର ବାହ୍ୟ ସୌନ୍ଦର୍ଯ୍ୟ ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଏହାର ଆନ୍ତଃରିକ ଗୁଣ. 'ସତ-ଚିତ୍ତ-ଆନନ୍ଦ' ର ମାର୍ମିକ ତଥ୍ୟ ହିଁ ମାନସିକ ଚେତନାର ସମ୍ବଳ ଯାହାକି ଚାପ ସହ ସଂଘର୍ଷ କରିବାକୁ ଅତ୍ୟନ୍ତ ଆବଶ୍ୟକ।

ଯନ୍ତ୍ରଣା ଏବଂ ଚାପ ଗଭୀର ଭାବରେ ପରସ୍ପର ସହିତ ଜଡିତ, ଚାପ ଯନ୍ତ୍ରଣାକୁ ବୃଦ୍ଧି କରିଥାଏ ଏବଂ ବଢ଼ାଇଥାଏ। ଚାପ ହେଉଛି ଶାରୀରିକ କିମ୍ବା ଭାବପ୍ରବଣ ଚାପ ପ୍ରତି ଶରୀରର ପ୍ରାକୃତିକ ପ୍ରତିକ୍ରିୟା, ଯାହା ଯନ୍ତ୍ରଣାକୁ ତୀବ୍ର କରିପାରେ। ଏକ ପ୍ରମୁଖ କାରଣ ହେଉଛି କୋର୍ଟିସୋଲ, ଚାପ ସମୟରେ ମୁକ୍ତ ହେଉଥିବା ହରମୋନ, ଯାହା ପ୍ରଦାହକୁ ବୃଦ୍ଧି କରିପାରେ ଏବଂ ଯନ୍ତ୍ରଣାକୁ ନିୟନ୍ତ୍ରଣ କରିବା କଷ୍ଟକର କରିପାରେ। ଏହା ସହିତ, ଚାପ ପ୍ରାୟତଃ ମାଂସପେଶୀ ଚାପ ସୃଷ୍ଟି କରେ, ବିଶେଷକରି ବେକ, କାନ୍ଧ ଏବଂ ପିଠିରେ, ଯାହା ଫଳରେ କଠିନତା ଏବଂ ଅସ୍ୱସ୍ତି ହୁଏ। ଦୀର୍ଘକାଳୀନ ଚାପ ଦୀର୍ଘକାଳୀନ ଯନ୍ତ୍ରଣା ଅବସ୍ଥା ବିକାଶ କରିବାର ସମ୍ଭାବନାକୁ ମଧ୍ୟ ବୃଦ୍ଧି କରିପାରେ। ଗବେଷଣା ଦର୍ଶାଏ ଯେ ନିରନ୍ତର ଚାପ ଥିବା ବ୍ୟକ୍ତିମାନେ ଫାଇବରୋମାଲ୍ଜିଆ, ଦୀର୍ଘକାଳୀନ ମୁଣ୍ଡବିନ୍ଧା ଏବଂ ପିଠି ଯନ୍ତ୍ରଣା ଭଳି ପରିସ୍ଥିତିର ସମ୍ମୁଖୀନ ହେବାର ଅଧିକ ବିପଦରେ ଥାଆନ୍ତି। ବିପରୀତ ଭାବରେ, ଦୀର୍ଘକାଳୀନ ଯନ୍ତ୍ରଣା ନିଜେ ଚାପର ଏକ ପ୍ରମୁଖ ଉତ୍ସ ହୋଇପାରେ, ଯାହା ଦୈନନ୍ଦିନ ଜୀବନ ଏବଂ ସୁସ୍ଥତାକୁ ପ୍ରଭାବିତ କରିଥାଏ। ଯନ୍ତ୍ରଣା ପରିଚାଳନା କରିବାର ନିରନ୍ତର ଚାପ ଚିନ୍ତା ଏବଂ ଅବସାଦ ସୃଷ୍ଟି କରିପାରେ, ଏକ ଚକ୍ର ସୃଷ୍ଟି କରିପାରେ ଯେଉଁଠାରେ ଚାପ ଯନ୍ତ୍ରଣାକୁ ଆହୁରି ଖରାପ କରିଥାଏ ଏବଂ ଯନ୍ତ୍ରଣା ଚାପକୁ ବୃଦ୍ଧି କରିଥାଏ।

ପ୍ରଭାବଶାଳୀ ଯନ୍ତ୍ରଣା ପରିଚାଳନା ପାଇଁ ଯନ୍ତ୍ରଣା ଏବଂ ଚାପ ଉଭୟକୁ ସମ୍ବୋଧିତ କରିବା ଜରୁରୀ। ସଚେତନତା, ବିଶ୍ରାମ ବ୍ୟାୟାମ ଏବଂ ଜ୍ଞାନାତ୍ମକ-ଆଚରଣ ଚିକିତ୍ସା (ଉଇଞ୍ଚ) ଭଳି କୌଶଳ ଚାପକୁ ହ୍ରାସ କରି ଏବଂ ମୁକାବିଲା ତନ୍ତ୍ରକୁ ଉନ୍ନତ କରି ଏହି ଚକ୍ରକୁ ଭାଙ୍ଗିବାରେ ସାହାଯ୍ୟ କରିପାରିବ। ଏହା ସହିତ, ନିୟମିତ ଶାରୀରିକ କାର୍ଯ୍ୟକଳାପ ଚାପ ସ୍ତରକୁ ହ୍ରାସ କରିଥାଏ ଏବଂ ଯନ୍ତ୍ରଣାରୁ ମୁକ୍ତି ପ୍ରଦାନ କରିଥାଏ ବୋଲି ଦେଖାଯାଇଛି। ଯନ୍ତ୍ରଣାର ଉଭୟ ଶାରୀରିକ ଏବଂ ଭାବପ୍ରବଣ ଦିଗକୁ ବିଚାର କରି ଏକ ସାମଗ୍ରିକ ଦୃଷ୍ଟିକୋଣ ଗ୍ରହଣ କରିବା ଦ୍ୱାରା ଜୀବନର ଗୁଣବତ୍ତା ଯଥେଷ୍ଟ ବୃଦ୍ଧି ପାଇପାରେ, ଯାହା ବ୍ୟକ୍ତିଙ୍କୁ ନିୟନ୍ତ୍ରଣ ଫେରିପାଇବା ଏବଂ ଦୀର୍ଘକାଳୀନ ଯନ୍ତ୍ରଣାର ଭାର ହ୍ରାସ କରିବାରେ ସାହାଯ୍ୟ କରିଥାଏ।

ଆମେ ଜାଣୁ ଯେ କାର୍ଯ୍ୟସ୍ଥଳରେ ଚାପ ଜଣଙ୍କ ଉପରେ ଏକ ବିନାଶକାରୀ ପ୍ରଭାବ ପକାଇପାରେ ଏବଂ ଏହା ତାଙ୍କ ପାଇଁ ଏବଂ ତାଙ୍କ ପରିବାର, ବନ୍ଧୁ ଏବଂ ସହକର୍ମୀଙ୍କ ପାଇଁ ଜୀବନ ପରିବର୍ତ୍ତନକାରୀ ପ୍ରଭାବ ପକାଇପାରେ:

ୟୁରୋପ ଭଳି ଦେଶର ୨୦୨୩/୨୪ ରେ କାର୍ଯ୍ୟ ସମ୍ବନ୍ଧୀୟ ଚାପ, ମାନସିକ ଅବସାଦ କିମ୍ବା ଚିନ୍ତା ଯୋଗୁଁ ୭୭୬,୦୦୦ ରୋଗୀଙ୍କର ପଞ୍ଜିକୃତ ହୋଇଥିଲା। ବିଶ୍ୱରେ ଏକ ଅଧ୍ୟୟନ ଚାପ, ମାନସିକ ଅବସାଦ କିମ୍ବା ଚିନ୍ତା ସମସ୍ତ କାର୍ଯ୍ୟ ସମ୍ବନ୍ଧୀୟ ଅସୁସ୍ଥତା ମାମଲା ମଧ୍ୟରୁ ୪୬% ଏବଂ କାର୍ଯ୍ୟ ସମ୍ବନ୍ଧୀୟ ଅସୁସ୍ଥତା ଯୋଗୁଁ ସମସ୍ତ କାର୍ଯ୍ୟ ଦିବସର ୫୫% ନଷ୍ଟ ହୋଇଥିଲା। କାର୍ଯ୍ୟ ସମ୍ବନ୍ଧୀୟ ଚାପ, ମାନସିକ ଅବସାଦ କିମ୍ବା ଚିନ୍ତାର କାରଣ ଭାବରେ ଉଲ୍ଲେଖ କରାଯାଇଥିବା ମୁଖ୍ୟ କାର୍ଯ୍ୟ କାରକଗୁଡ଼ିକ ମଧ୍ୟରେ ଚାକିରିର ଚାହିଦା, ନିୟନ୍ତ୍ରଣର ଅଭାବ, ସୂଚନା ଏବଂ ସମର୍ଥନର ଅଭାବ, କାର୍ଯ୍ୟ ସମ୍ପର୍କ ଏବଂ ଭୂମିକା ଏବଂ ଦାୟିତ୍ୱ ଅନ୍ତର୍ଭୁକ୍ତ। ଚାପ ଜୀବନର ଏକ ଅଂଶ - ପ୍ରତ୍ୟେକେ ସମୟ ସମୟରେ ଚାପ ଅନୁଭବ କରନ୍ତି - ଏବଂ କ୍ଷଣସ୍ଥାୟୀ ଚାପ ସହାୟକ ହୋଇପାରେ। ଉଦାହରଣ ସ୍ୱରୂପ, ଚାପ ଆପଣଙ୍କୁ ଏକ ସମୟସୀମା ପୂରଣ କରିବାରେ କିମ୍ବା ଏକ କାର୍ ଦୁର୍ଘଟଣାକୁ ରୋକିବାରେ ସାହାଯ୍ୟ କରିପାରେ। ବିଶେଷଜ୍ଞଙ୍କ ମତରେ 'ଉତ୍କଣ୍ଠା ନୂଆ ନୁହେଁ ଏବଂ ଚିନ୍ତା ବହୁତ ସାଧାରଣ ଏବଂ ପ୍ରକୃତରେ ସ୍ୱାଭାବିକ।" ଆମେରିକୀୟ ମନସ୍ତାତ୍ତ୍ୱିକ ସଂଘ ଅନୁଯାୟୀ, ଆମର ଶରୀର ଛୋଟ ମାତ୍ରାରେ ଚାପକୁ ପରିଚାଳନା କରିପାରିବ। ତଥାପି, ଯଦି ଆମେ ଦୀର୍ଘକାଳୀନ ଚାପ ଅନୁଭବ କରୁ, ତେବେ ଆମର ଶରୀର ନକାରାତ୍ମକ ଭାବରେ ପ୍ରତିକ୍ରିୟା କରେ:

ଆମ ଶରୀରର ବିଭିନ୍ନ ଅଙ୍ଗମାନଙ୍କ ଉପରେ ଚାପର ପ୍ରଭାବ ଭିନ୍ନ, ଉଦାହରଣ ସ୍ୱରୂପ

-ଗବେଷଣାରୁ ଜଣାପଡିଛି ଯେ ନିରନ୍ତର ଚାପ କରୋନାରୀ ଧମନୀକୁ ପ୍ରଦାହ କରିପାରେ ଏବଂ ହୃଦଘାତର କାରଣ ହୋଇପାରେ। ଦୀର୍ଘକାଳୀନ ଚାପ ଷ୍ଟ୍ରୋକ୍ ବିପଦକୁ ମଧ୍ୟ ବୃଦ୍ଧି କରେ।

- ସ୍ୱାସ୍ଥ୍ୟ ସମସ୍ୟା ବିକଶିତ ହୋଇପାରେ, ଯେପରିକି ଦୀର୍ଘକାଳୀନ ଥକ୍କାପଣ, ମଧୁମେହ, ସ୍ଥୂଳତା, ମାନସିକ ଅବସାଦ ଏବଂ ପ୍ରତିରକ୍ଷା ବିକାର।

- ଦୀର୍ଘକାଳୀନ ଚାପ ଋତୁଚକ୍ରକୁ ସମ୍ପୂର୍ଣ୍ଣ ବନ୍ଦ କରିପାରେ, ଅନିୟମିତ ହୋଇପାରେ କିମ୍ବା ମାସିକ ଋତୁସ୍ରାବକୁ ଅଧିକ ଯନ୍ତ୍ରଣାଦାୟକ କରିପାରେ। ଦୀର୍ଘକାଳୀନ ଚାପକୁ କମ ଯୌନଇଚ୍ଛା ଏବଂ ବନ୍ଧ୍ୟାତ୍ୱ ସହିତ ମଧ୍ୟ ଯୋଡାଯାଇଛି।

- ଦୀର୍ଘକାଳୀନ ମାଂସପେଶୀ ଚାପ ଟାଣ ମୁଣ୍ଡବିନ୍ଧା ଏବଂ ମାଇଗ୍ରେନ୍, ପିଠି ଯନ୍ତ୍ରଣା ଏବଂ ଶରୀରର ଅନ୍ୟ ଅଂଶରେ ଦୀର୍ଘକାଳୀନ ଯନ୍ତ୍ରଣା ହୋଇପାରେ।

ଆମର ଶରୀର ତୀବ୍ର ଚାପକୁ ପରିଚାଳନା କରିବାକୁ ସଜ୍ଜିତ, କିମ୍ବା କିଛି ଦୈନନ୍ଦିନ କାର୍ଯ୍ୟ କରିବା ସମୟରେ ହଠାତ୍ ଆସୁଥିବା ଚାପ ତାପରେ ବନ୍ଦ ହୋଇଯାଏ। ଯଦି ଆପଣ ଦୀର୍ଘକାଳୀନ ଚାପ ଅନୁଭବ କରନ୍ତି, ତେବେ ଏହାର ମୁକାବିଲା କରିବା ଏବଂ ଦୀର୍ଘକାଳୀନ ରୋଗ କିମ୍ବା ଅନ୍ୟାନ୍ୟ ନକାରାତ୍ମକ ପ୍ରଭାବ ହେବାର ବିପଦକୁ କମ କରିବା ପାଇଁ ଉପାୟ ଶିଖିବା ଗୁରୁତ୍ୱପୂର୍ଣ୍ଣ। ଏହି ଚାପକୁ ନିୟନ୍ତ୍ରଣ କରିବାର କିଛି ସୁସ୍ଥ ଉପାୟ ହେଲା:

-ଗଭୀର ନିଶ୍ୱାସ ପ୍ରଶ୍ୱାସ
-ଶାରୀରିକ ବ୍ୟାୟାମ
-ଛୁଟି ଏବଂ ଯାତ୍ରା ପାଇଁ ଦୈନନ୍ଦିନ କାମରୁ ବିରତି
- ସୁସ୍ଥ ସନ୍ତୁଳିତ ଖାଦ୍ୟ
- ଭଲ ନିଦ
- ସଚେତନତା ଏବଂ ଧ୍ୟାନ

ବିଶେଷଜ୍ଞଙ୍କମତରେ 'ଏହି ଡିଜିଟାଲ୍, ପୁନରାବୃତ୍ତିକାରୀ, ଅତ୍ୟଧିକ ଉତ୍ସାହଜନକ ସୂଚନା ସଂସ୍କୃତିରେ ଆମେ ଯେଉଁ ସୂଚନା ବା ଗଣମାଧ୍ୟମ ବ୍ୟବହାର କରୁଛେ ସେ ବିଷୟରେ ଆମକୁ ଅଧିକ ସଚେତନ ହେବାକୁ ପଡିବ,'। 'ଟିଭି ବନ୍ଦ କରନ୍ତୁ। ସାମାଜିକ ଗଣମାଧ୍ୟମର ସୂଚନା ଆପଣଙ୍କୁ ପ୍ରତ୍ୟକ ସମୟରେ ବିଜ୍ଞପ୍ତି ପଠାଇବାକୁ ଦିଅନ୍ତୁ ନାହିଁ ଏବଂ ସାରା ଦିନ ପରିବର୍ତ୍ତେ ଦିନକୁ ଗୋଟିଏ କିମ୍ବା ଦୁଇଥର ଖବର ଶୁଣନ୍ତୁ ନାହିଁ। ଏକାଠି, ଆମେ ଏକ ସମାଜ ସୃଷ୍ଟି କରିପାରିବା ଯେଉଁଠାରେ ଚାପକୁ ସ୍ୱୀକାର କରାଯିବ, ସମାଧାନ କରାଯିବ, ଏବଂ କରୁଣା ଏବଂ ଏକତା ସହିତ ଏହାର ସମାଧାନ କରାଯିବ। ତେବେ ଯାଇକି ଏହି ଚାପରୁ ଆମେ ମୁକ୍ତ ହେବ

ଚିନ୍ତା ଓ ଚାପ ଥିଲେ ଦୂରେ
ରୁହେ ସେ ପ୍ରାଣୀ ନିରୋଗରେ
ସମାଜ ମଧ୍ୟେ ଆସେ ସନ୍ତୁଳନ
ଦୁଃଶ୍ଚିନ୍ତା କଲେ ନିୟନ୍ତ୍ରଣ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ପିଲାଙ୍କ ମହାଭାରତ-୩୦

## ବଗମୁହାଁ ଅସୁରକୁ ଭୀମ ମାରିଲେ-୧



ନିତ୍ୟାନନ୍ଦ ପଣ୍ଡା



ଏକଚକ୍ର ନଗ୍ରରେ ବ୍ରାହ୍ମଣବେଶୀ ପାଣ୍ଡବ ଭାଇମାନେ ଓ କୁନ୍ତୀ ଜଣେ ବ୍ରାହ୍ମଣ ଘରେ ଅତିଥି ହୋଇ ରହିଲେ। ସକାଳୁ ଭାଇମାନେ ବିଭିନ୍ନ ବ୍ରାହ୍ମଣ ବସ୍ତିକୁ ଭିକ୍ଷା କରିବାକୁ ଯାଉଥିଲେ ଓ ଯାହା ଆଣୁଥିଲେ ମା' କୁନ୍ତୀଙ୍କୁ ଦେଉଥିଲେ । କୁନ୍ତୀ ଖାଦ୍ୟ ତକ ଦୁଇ ସମାନ ଭାଗ କରୁଥିଲେ । ଗୋଟିଏ ଭାଗ ଦେଉଥିଲେ ଭୀମକୁ ଏକଲା ଅନ୍ୟ ଭାଗଟିକୁ ନିଜେ ଓ ଅନ୍ୟ ଚାରିଭାଇ ଖାଉଥିଲେ।

ଦିନକର କଥା । ଭୀମସେନ୍ ବ୍ୟତୀତ ଅନ୍ୟ ଚାରିଭାଇ ଯାଇଥିଲେ ଭିକ୍ଷା ମାଗିବାକୁ। ଭୀମସେନ୍ ମାଆଙ୍କ ପାଖରେ ରହିଯାଇଥିଲେ । ହଠାତ୍ କୁନ୍ତୀଙ୍କ କାନରେ ପଡ଼ିଲା କାନ୍ଦବୋବାଳି। ଯେଉଁ ଘରେ ଅତିଥି ହୋଇ ରହିଥିଲେ, ସେଇ ଘର ଭିତରୁ କାନ୍ଦଣା ଭାସିଆସୁଥିଲା। ନିଶ୍ଚୟ କିଛି ବିପଦରେ ପଡ଼ିଛନ୍ତି, କୁନ୍ତୀ ଭାବିଲେ। କ'ଣ ହୋଇଛି ବୋଲି ଜାଣିବାକୁ ସେ ଘର ଭିତରକୁ ପଶିଗଲେ।

ସତ, ବ୍ରାହ୍ମଣ ଓ ବ୍ରାହ୍ମଣୀ ଅତି ଅସହାୟ ଭାବରେ କାନ୍ଦୁଥିଲେ।

ବ୍ରାହ୍ମଣ କହୁଥିଲା ତା ସ୍ତ୍ରୀକୁ – "ମୁଁ କେତେଥର କହିଚି, ଆମେ ଏଇ ସ୍ଥାନ ଛାଡ଼ି ଚାଲିଯିବା। ତୁ କ'ଣ ଶୁଣିଲୁ କଥା! କ'ଣ ନା, ଏଇ ଜାଗାରେ ମୁଁ ଜନ୍ମ ହେଇଚି, ଏଇଠି ମରିବି। ଅନ୍ୟ ଆଡେ ଯିବିନାହିଁ। ଏବେ କ'ଣ କରିବା! ମୁଁ ମରିଗଲେ, ତୁ କ'ଣ ଏଇ ପୁଅଝିଅ ଦୁହିଁଙ୍କୁ ବଞ୍ଚେଇ ରଖିପାରିବୁ! ଆଉ ତୁ ଚାଲିଗଲେ, ମୁଁ ପୁଅଝିଅଙ୍କୁ କେମିତି ସମ୍ଭାଳିବି! ଭଲ ହେବ, ଆମେ ଏକାସାଙ୍ଗରେ ସମସ୍ତେ ମରିବା!"

"ନା, ନା, ସେମିତି କୁହନା," ବ୍ରାହ୍ମଣୀ କହିଲା, "ତୁମେ ବଞ୍ଚିଲେ ପୁଅଝିଅ ଦୁହିଁଙ୍କୁ ସମ୍ଭାଳିପାରିବ। ଯାହା ମୁଁ ପାରିବିନାହିଁ। ଭଲ ହେବ, ମୋତେ ପଠେଇ ଦିଅ।"

ବାପା ମାଆଙ୍କର କଥା ଓ କାନ୍ଦ ଶୁଣୁଥିଲେ ପୁଅ ଓ ଝିଅ।

ଝିଅ କହିଲା – ମୋତେ ପଠେଇଦିଅ। ତୁମର ଚିନ୍ତାଯିବ।

ସବା ସାନ ପୁଅ। ସେ ଚୁଲିରୁ ନିଆଁଲଗା କାଠିଖଣ୍ଡେ ଟାଣି ଆଣି ନାଚି ନାଚି କହିଲା – "ମୁଁ ସେ ଅସୁରକୁ ମାରିଦେବି।" ସେ ରାଗ ତମତମ ହୋଇ କାଠିଟିକୁ ହଲେଇବାକୁ ଲାଗିଲା।

ଛୁଆ ପୁଅର କଥା ଶୁଣି ବାପା ମାଆ କାନ୍ଦଛାଡ଼ି ହସି ପକେଇଲେ। ପରେ ବିପଦକଥା ମନକୁ ଆଣି ପୁଣି କାନ୍ଦିଲେ।

ଏହି ସମୟରେ କୁନ୍ତୀ ଦେବୀ ଭିତରକୁ ପଶିଲେ।

କହିଲେ – ତୁମ କାନ୍ଦଶୁଣି ମନରେ ଦୟା ଆସୁଚି। ଆମେ ତୁମର ଆଶ୍ରିତ। ମୋତେ କୁହନ୍ତୁ, ତୁମକୁ କିପରି ସାହାଯ୍ୟ କରିପାରିବି!

ବ୍ରାହ୍ମଣ କହିଲା – ନା ମା', ଆମର ଦୁଃଖ ତୁମର ସାହାଯ୍ୟ ସୀମା ବାହାରେ!

କୁନ୍ତୀ କହିଲେ – ମୋତେ କହିକରି ଦେଖ!

ବ୍ରାହ୍ମଣ କହିଲା – ତେର ବର୍ଷ ହେବ, ଆମର ଏଇ ନଗ୍ରକୁ ଗୋଟେ ଅସୁର – ନାଁ ତା'ର ବକାସୁର – ଅଧିକାର କରିନେଇଛି। ଆମକୁ ସେ ବନ୍ଧକ କରି ରଖିଛି । ତା ଭୟରେ ଏଠାକାର କ୍ଷତ୍ରିୟ ରାଜା ଅନ୍ୟତ୍ର ଯାଇଁ ରହୁଛନ୍ତି। ଆମକୁ ସାହାଯ୍ୟ କରିବାକୁ କେହିନାହିଁ।

ଏହି ନଗ୍ର ବାହାରେ ଏକ ଗୁମ୍ଫାରେ ବକାସୁର ରୁହେ।

ପୂର୍ବରୁ ଯେତେବେଳେ ଇଚ୍ଛା ସେତେବେଳେ ନଗ୍ର ମଧ୍ୟରେ ପ୍ରବେଶ କରୁଥିଲା ବକାସୁର ଏବଂ ଯାହାକୁ ପାରେ ତାକୁ ଟେକିନେଇ ଚାକୁଲାଉଥିଲା । ସେଇଠୁ ନଗ୍ରର ଲୋକେ ତାକୁ ନେହୁରା ହେଲେ। ଯେ, ଇମିତି ମନଇଚ୍ଛା ମଣିଷ ନମାରି ସପ୍ତାହରେ ଥରେ ବାହାରନ୍ତୁ। ଆମେ ପାଳିକରି ଜଣକୁ ପଠେଇବୁ। ସେ ଭାତ ମାଂସ ମଦ ପ୍ରଚୁର ବଳଦଗାଡ଼ିରେ ନେଇକରି ଯିବ । ତୁମେ ଆରାମରେ ଖାଇବ।

ବକାସୁର ରାଜିହେଲା। ସେବେଠୁ ସପ୍ତାହରେ ଥରେ ସେ ବାହାରେ । ଯାହା ପଠାଯାଇଥାଏ ତାକୁ ଖାଇ ଗୁମ୍ଫାରେ ଶୁଏ।

ଆଜି ଆମପାଳି । ମୁଁ କାହାକୁ ପଠେଇବି ? ତେଣୁ ଠିକ୍ କରିଛି, ଆମେ ପୂରାପରିବାର ବଳଦ ଗାଡ଼ିରେ ଯିବୁ। ଯାହା ଆମର ହେବ ଜାଣିପାରୁଥିବ। ସେଇଥିପାଇଁ ଆମେ କାନ୍ଦୁଥିଲୁ। ଏପରି ଅବସ୍ଥାରେ କେବଳ ଈଶ୍ୱର ଆମକୁ ରକ୍ଷା କରିପାରିବେ, ଅନ୍ୟ କେହି ନୁହଁ। (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ଉତ୍କଳ ଗୌରବ ମଧୁସୂଦନ

*କବିତା ମିଶ୍ର*



ଶୁଭ ସକାଳର ସୂରୁଜ ଉଇଁଲା
ସତ୍ୟଭାମାପୁର ଗ୍ରାମେ
ଓଡ଼ିଆ ମାଟିର ସୁଯୋଗ୍ୟ ସନ୍ତାନ
ଧରାକୁ ଆସିଲ ତୁମେ ॥ (୧)

ଉତ୍କଳ ଗୌରବ ହେ, ବୀରପୁରୁଷ
ତୁମେ ହିଁ ମଧୁସୂଦନ
ଜାତି ନନ୍ଦିଘୋଷେ ସାରଥୀ ହୋଇଲ
ଓଡ଼ିଆ ଜାତିର ପ୍ରାଣ ॥ (୨)

ବଂଗ ବିହାରରେ ମିଶି ରହିଥିଲା
ଆମ ମାଟି ମାଆ ଦିନେ
ମାତୃଭାଷାଟିକୁ ଉଚ୍ଚେ ରଖିବାକୁ
କହିଥିଲ କାନେ କାନେ ॥ (୩)


ସେବା କରୁଥିଲ ମାତୃଭୂମି ପାଇଁ
ସଭିଙ୍କୁ ଏକତ୍ର କରି
ଓଡ଼ିଆ ପ୍ରଦେଶ ସ୍ୱତନ୍ତ୍ର ହୋଇବ
ଆଗେଇଲ ବୀରପରି ॥ (୪)

ପ୍ରଥମ ଓଡ଼ିଆ ବିଦେଶକୁ ଯାଇ
ଏ ମାଟିର ଯଶ ରଖିଲ
ବହୁପାଠ ପଢ଼ି ବାରିଷ୍ଟର ହୋଇ
ସବୁରୀ ଦୁଃଖ ବୁଝିଲ ॥ (୫)

ତୁମ ସେବା ତ୍ୟାଗ ବୀରତ୍ୱ କାହାଣୀ
କେହି ତ ପାରେନା ଭୁଲି
ପ୍ରତି ଓଡ଼ିଆର ହୃଦୟରେ ଥାଇ
ଚେତାଇ ଦେଉଥା ଖାଲି ॥ (୬)

ଏ ଉତ୍କଳ ଭୂମି ଦେଇ ଜୟ ଧ୍ୱନି
ଗାଉଛି ଗାରିମା କଥା
ତୁମ ପାଇଁ ଆଜି ଗରବେ ଟାଳନ୍ତି
ଓଡ଼ିଆ ଟେକି ତା ମଥା ॥ (୭)

*ଅବସରପ୍ରାପ୍ତ ଶିକ୍ଷୟିତ୍ରୀ,*
*ସେକ୍ଟର-୩/୫୫*
*ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧*
*ମୋ- ୯୯୩୭୦୩୩୭୫୦*



# ନୀତି ଆଦର୍ଶର ସୁଯୋଗ୍ୟ ସନ୍ତାନ.....

*ରାମଚନ୍ଦ୍ର ବେହେରା*



କଟକ ଜିଲ୍ଲାର ସତ୍ୟଭାମାପୁରେ
ଧରାକୁ ଛୁଇଁଲ ତୁମେ
ପିତା ରଘୁନାଥ ମାତା ପାର୍ବତୀଙ୍କ
କୋଳରେ ବଢ଼ିଲ ଧାନେ
ତୁମରି ପ୍ରୟାସ ପାଇଁ
ବିଶ୍ୱ ଦରବାରେ ପରିଚିତ ଆଜି
ଆମରି ଉତ୍କଳ ଭୂଇଁ।
ଓଡ଼ିଆ ଜାତିର ଯୋଗ୍ୟ ପୁତ୍ର ତୁମେ
ମଧୁବାବୁ ନାମେ ଖ୍ୟାତ
ମାତୃଭୂମି ପାଇଁ କେତେ ଯେ ସଂଗ୍ରାମ
କରିଥିଲ ଦିବା ରାତ୍ର
ରାଜ୍ୟ ଗଠନର କାମେ
ପୂଣ୍ୟ ଉତ୍କଳରେ ତୁମେ ପୂଜାପାଅ
ଉତ୍କଳ ଗୌରବ ନାମେ।
ଉତ୍କଳ ଟ୍ୟାନେରି ଗଢିଥିଲ ତୁମେ
ଗୁଣବତ୍ତା ରକ୍ଷା ପାଇଁ
ଶ୍ରେଷ୍ଠତାର ଆଶେ ଦେବାଳିଆ ହେଲ
ନୀତିକୁ ଭୁଲିଲ ନାହିଁ
ଲେଖା ତୁମ ଅନୁପମ
ତୁମ ପରି ଛୋଟ ପିଲାଟିଏ ଗୀତ
ଭରିଦିଏ ଦେଶ ପ୍ରେମ।
ଉଠରେ ଉଠରେ ଉତ୍କଳ ସନ୍ତାନ
ପରାଣେ ଜଗାଏ ଶକ୍ତି
ଗୋରା ସରକାର ବିରୁଦ୍ଧେ ଲଢିଲ
ଦେଶକୁ ମିଳିଲା ମୁକ୍ତି
ତୁମରି ଜନମ ଦିନେ
ନୀତି ଆଦର୍ଶର ସୁଯୋଗ୍ୟ ସନ୍ତାନ
ପ୍ରଣତି ତୁମ ଚରଣେ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

# କାଳିଆ ଘୋଡ଼ାରେ ଚଢ଼ିବି

*ଦୀନବନ୍ଧୁ ପୋଇ*



ସତ୍ୟଭାମା ପୁର କଟକ ଜିଲ୍ଲାର
ଧନ୍ୟ ତୁମ ଜନ୍ମ ମାଟି
ବାଲୁତ ଶିରରେ ଘନ କେଶ ଯୋଗୁ
ଗଣ୍ଠି ହୋଇଥିଲା ଚୁଟି ।
ତୁମ ସହପାଠୀ ପଛ ପଟ ଚୁଟି
କଉଶଳେ ଦେଲା କାଟି
ନିରବରେ ତାକୁ ସହି ଯାଇ ତୁମେ
ପଦେ ଖୋଲିଲନି ପାଟି ।
ସାରି ଚାଟଶାଳୀ ଖାଇ ଆଇ ଗାଳି
ପଢିଲ ଯାଇ କଟକ
ଯାହାର ଜୀବନ ସେବା ମନୋଭାବ
କରିବ କିଏ ଅଟକ ।
ଏଣ୍ଟରାନସ୍ ସାରି କଲିକତା ଯାଇ
ପଢିଲ ସେ ଓକିଲାତି
ଭାରି ସ୍ୱାଭିମାନୀ ଥିଲ ବଡ ଜ୍ଞାନୀ
କେତେ ରଖିଅଛ କୀର୍ତ୍ତି ।
ପ୍ରଥମ ବାରିଷ୍ଟର ପ୍ରଥମ ଓଡ଼ିଆ
ଚଢୁଥିଲ ଘୋଡ଼ା ଗାଡ଼ି
ଉଚ୍ଚଶିକ୍ଷା ଆଶା ନେଇ ଯାଇଥିଲ
ବିଦେଶକୁ ପାଠ ପଢି ।
ସ୍ୱତନ୍ତ୍ର ଓଡ଼ିଶା ଗଠନରେ ତୁମେ
ଆଣିଥିଲ ଯେ ସଂଗ୍ରାମ
ସଫଳତା ପାଇଁ କରିଚାଲିଥିଲ
ନ ନେଇ କେବେ ବିରାମ ।
ଗଢିଥିଲ ପୁଣି ଉତ୍କଳ ଟ୍ୟାନେରୀ
ଓଡ଼ିଶା ସମୃଦ୍ଧି ପାଇଁ
ଦୀନଦୁଃଖି ଜନେ ଭାବୁଥିଲେ ମନେ
ତାଙ୍କ ପାଇଁ ଥିଲ ସାଇଁ ।
ଆଜିବି ତୁମରି ଗୁଣକୁ ସୁମରି
ହେଉଛୁ ଓଡ଼ିଶା ବାସୀ
କାଳିଆ ଘୋଡ଼ାରେ ଚଢିବି କହିକି
ଉତ୍କଳୀୟ ହେଉ ଖୁସି ।

*ଦୀନବନ୍ଧୁ ପୋଇ, ଗୋରଡ଼ା ପାଳ*
*କରମୂଳ, ଢେଙ୍କାନାଳ*
*ଦୂରଭାଷ- ୯୯୩୮୮୦୨୪୧୨*

# ଭୀମରାଓ ଆମ୍ବେଦକର

*ଜୟନ୍ତ କୁମାର ମଲ୍ଲିକ୍*

ପିତାଙ୍କର ନାମ ରାମଜୀସାକପାଲ
ଭୀମବାଇ ଥିଲେ ମାତା ତାଙ୍କର
ଭୀମରାଓ ଆମ୍ବେଦକର । (୦)

ଆମ ସମ୍ବିଧାନର ସ୍ରଷ୍ଟା
ମହାଜ୍ଞାନୀ ସେ କ୍ରାନ୍ତିଦ୍ରଷ୍ଟା
ଦଳିତ ଜାତିର ସାଜି ତ୍ରାଣକର୍ତ୍ତା
ଦେଇଥିଲେ ତାଙ୍କୁ ଅଧିକାର
ଭୀମରାଓ ଆମ୍ବେଦକର । (୧)

ସମାଜରେ ଛୁଆଁ ଅଛୁଆଁ
ଭେଦଭାବ ରହିଛି କିଆଁ ?
ଏଥିଲାଗି ସାଜିଥିଲେ ବିପ୍ଳବୀ
ଲଢ଼ିଥିଲେ ନିଜେ ଉଠାଇ ସ୍ୱର
ଭୀମରାଓ ଆମ୍ବେଦକର । (୨)

ଥିଲେ ସିଏ ଉଚ୍ଚ ଶିକ୍ଷିତ
ବୌଦ୍ଧ ଧର୍ମେ ଥିଲେ ଦୀକ୍ଷିତ
ଆମେରିକା ଯାଇ ପଢ଼ିଥିଲେ ପାଠ
ଥିଲା ଡକ୍ଟରେଟ ଡିଗ୍ରୀ ତାଙ୍କର
ଭୀମରାଓ ଆମ୍ବେଦକର । (୩)

ନିଜ ଗୁଣେ ସେ ଯେ ମହାନ
ସର୍ବେ ତାଙ୍କୁ ଦେବା ସମ୍ମାନ
ଦେଶ ବାସୀଙ୍କର ଉପକାରୀ ବନ୍ଧୁ
ଭାରତ ମାତାର ଯୋଗ୍ୟ କୁମର
ଭୀମରାଓ ଆମ୍ବେଦକର । (୪)

*ଶୁରଡିହ, ନନ୍ଦିପୁର,*
*ଦଶରଥପୁର, ଯାଜପୁର*
*ମୋ-୯୪୩୭୮୬୫୭୨୭*

# ବୈଶାଖ ମାସ ଖରା

*ସୁଧାକର ରାଉତ*



ଖରା ଧିରେ ଧିରେ ହୁଅଇ ଟାଣ
ବୈଶାଖ ଆସିଣ ମାରେ କି ବାଣ
ପାରୁନା ସହି
ଘରେ କି ବାହାରେ ହୁଏନା ରହି
ଶୁଖିଗଲେଣି ସବୁ ନଈ ନାଳ
ଜୀବଜନ୍ତୁ ଯେତେ ଖୋଜନ୍ତି ଜଳ
ବାଟୋଇ ଭାଇ
ବିକଳରେ ଖୋଜଇ ଗଛ ଛାଇ ।
ଦିନ ମଜୁରିଆ କରିବେ କିସ
ଖରା ତାଙ୍କ ପାଇଁ ହେଲେ ବି ବିଷ
ନ କରି ଭୟ
ଜୀବିକାରେ ତାଙ୍କ ରଖନ୍ତି ଲୟ ।
ଗଛ ପତ୍ର ଘାସ ଯାଆନ୍ତି ଜଳି
ଅଂଶୁଘାତେ କିଏ ପଡ଼ଇ ଟଳି
ସତେ କି ନିଆଁ
ବରଷେ ଆକାଶୁ ନ ଥାଇ ଧୂଆଁ ।
ବେଳୁ ବେଳ ଏ ଅସମ୍ଭାଳ ସ୍ଥିତି
ସତେ ଅବା ଧ୍ୱଂସ ହୋଇବ କ୍ଷିତି
ଗ୍ରୀଷମ ଦାଉ
କୁହକେ କିପରି ସହିବ ଆଉ ।
ଅଦିନିଆ କାଳ ବୈଶାଖୀ ଆସେ
ଝଡ ବତାସ କରାଇ ସେ ହସେ
ଖସଇ ତାତି
ତାପରେ ତାପଟା ଥରାଏ ଛାତି ।
ବିଶ୍ୱତାପନର ଆମେଇ ମୂଳ
ଭୋଗୁଛେ ନିଜ କଲା କର୍ମ ଫଳ
ଆସ ହେ ସାଥି
ବୃକ୍ଷ ରୋପଣରେ ଢାଳିବା ମତି ।

*ପ୍ରତାପ ନଗରୀ, କଟକ*
*ମୋ- ୮୨୪୯୯୩୨୭୯୨*



# ଝୁମୁରୁ ଝାଇଁରେ ଝୁମୁରୁ ଝାଇଁ

*ପ୍ରଦୀପ୍ତ କୁମାର ଦାସ*

ଝୁମୁରୁ ଝାଇଁରେ ଝୁମୁରୁ ଝାଇଁ
ନିଦାଘ ଆସିଛି ଧରାକୁ ଧାଇଁ...
ଅସହ୍ୟ ହୁଅଇ ତାତି-
ଗାଆଁରେ ସହରେ ସବୁଆଡ଼େ ଏବେ
ଗରମ ଉଠିଛି ମାତି,
ଝୁମୁରୁ ଝାଇଁରେ ଝୁମୁରୁ ଝାଇଁ
ହରିଣଟା ବେଶି ପାରୁନି ଧାଇଁ...
ଖୋଜୁଛି ସେ ଗଛଛାଇ-
ବଡ଼ ବଡ଼ ଗଛ ଥିଲା ଜଙ୍ଗଲରେ
ହାଣିଛି ମଣିଷ ଭାଇ,
ଝୁମୁରୁ ଝାଇଁରେ ଝୁମୁରୁ ଝାଇଁ
କାନ୍ଦେ ବାଘମାମୁ ମରିଛି ମାଇଁ...
ହେବାରୁ ତ ଅଂଶୁଘାତ-
ବନ ମୂଳକର ସବୁ ଜୀବଜନ୍ତୁ
ହେଉଛନ୍ତି ଆତଯାତ,
ଝୁମୁରୁ ଝାଇଁରେ ଝୁମୁରୁ ଝାଇଁ
ଚାତକ ଚାହିଁଛି ବରଷା ପାଇଁ
ଡାକୁଛି ବିକଳ ହୋଇ –
ଜୀବ ଜଗତର ହୋଇଲେ ମଙ୍ଗଳ
ଯିବ ସେ ଶାନ୍ତିରେ ଶୋଇ।

*କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର*
*ମୋ -୮୫୯୪୮୮୫୮୯୮*

# ବଗଟା ଉପାସେ ଶୋଇ ପଡ଼ିଲା

*ସୁରମା ମିଶ୍ର*





ବଗ କହେ ଆଲୋ ବଗୁଲୀ ରାଣୀ
ଯାଉଛି ମୁଁ ମାଛ ଧରି ଆଣିବି ଲୋ
ରାନ୍ଧି ଦେବୁ ତୁହି ମୋ ମନ ଜାଣି ॥

ବଗୁଲୀ କହିଲା ଶୁଣରେ ଶୁଣ
ଘରେ ତେଲ ଲୁଣ ମସଲା ନାହିଁରେ
କିପରି ରାନ୍ଧିବି ମାଛ ତିଅଣ ॥

ବଗ କହେ ଶୁଣ ଶୁଣ ଲୋ ମଣି
ଆଉ ଯାହା ଲୋଡା କହଲୋ କହ ତୁ
ସେଥି ପାଇଁ ଜମା ଚିନ୍ତା କରନି ॥

ଏହା କହି ବଗ ସଜ ହୋଇଲା
ପ୍ୟାଣ୍ଟ ସାର୍ଟ ଆଉ ଚପଲ ପିନ୍ଧି ସେ
ସଅଳ ବଜାର ବାହାରି ଗଲା ॥

ଦୋକାନ ଆଗରେ ବସିଲା ଯାଇ
କହିଲା ଭାଇ ମୋ ଦୋକାନୀ ଭାଇ
ଦେ ତେଲ ଲୁଣ ମସଲା ସଜାଇ ॥

ବଗୁଲୀ ରାନ୍ଧିବ ମାଛ ତିଅଣ
ବେଗେ ଯିବି ମୁହିଁ ତେଲ ଲୁଣ ନେଇ
ନୋହିଲେ ହୋଇବ ସେ ତମ ତମ ॥

ଦୋକାନୀ କହିଲା ନେଏ ରେ ନେଏ
ସବୁ ସଜାଡ଼ି ମୁଁ ରଖି ଦେଇଛି ରେ
ପଇସାଟା ବେଗେ ଦେଏରେ ଦେଏ ॥

ବଗର ଅକଲ ଗୁଡୁମ୍ ହେଲା
ଜିନିଷ ନ ନେଇ ମୁହଁକୁ ଶୁଖାଇ
ଧିରେ ଧିରେ ଉଡି ଘରକୁ ଗଲା ॥

ବଗୁଲୀ କହିଲା ତୁ ଗୋଟେ ବୋକା
ଦୋକାନୀକୁ କିଛି ମାଛ ଦେଇଥିଲେ
ଦେଇନଥାନ୍ତାରେ ତୋତେ ସେ ଧୋକା ॥

ରନ୍ଧା ମାଛ ଝୋଳ ଖିଆ ନୋହିଲା
ବଗଟା ଉପାସେ ଘର କୋଣେ ଯାଇ
ଦୁଃଖେ ମୁହଁ ମାଡି ଶୋଇ ପଡିଲା ॥

*ବିଏଲ-୩୯, ଭିଏସ୍ଏସ୍ ନଗର,*
*ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*


# ଖରାଦିନ ପାଇଁ

*ଜୟନ୍ତ କୁମାର ମଲ୍ଲିକ*

ଖରାଦିନ ପାଇଁ ଯାହା ଦରକାର
ସେସବୁ ଯତନେ ଆଣିଛି –
କିଣିବ ନିଶ୍ଚୟ ମୋ ଭାଇ ଭଉଣୀ
ଭଲଭାବେ ମୁହିଁ ଜାଣିଛି
ମିଠା ତରଭୁଜ ଆଗ ବାଛି ନିଅ
କିଲ ପିଛା ଜମା କୋଡ଼ିଏ –
ବଡ଼ ପରିବାର ପାଇଁ ବଡ଼ ବଡ଼
କାଢ଼ି ଦେଉଛି ମୁଁ ଯୋଡ଼ିଏ
କାଗିଜି ଲେମ୍ବୁରୁ ପାଞ୍ଚଟା ଦେଉଛି
ସରବତ ତାକୁ କରିବ –
ପାଞ୍ଚ ଟଙ୍କା ଦେଇ ଆଖୁରସ ପିଅ
ଅଂଶୁଘାତ ନିଶ୍ଚେ ଡ଼ରିବ,
ଭଲ ପାଣିବାଲା ପଇଡ଼ ଆଣିଛି
ରଖ ଛଅ ଗୋଟି ଦେଉଛି –
ଗୋଟାକୁ ଜମାରୁ ଦଶଟଙ୍କା ଦେବ
ଅନ୍ୟଠୁଁ ପନ୍ଦର ନେଉଛି,
କଅଁଳିଆ କଷି କାକୁଡ଼ି ଆଣିଛି
ଚାରି ପାଞ୍ଚ କିଲ ନେଇଯା –
ଦରକାର ହେଲେ ବାକି ମୁଁ ରଖିବି
ଯାହା ଅଛି ପାଖେ ଦେଇଯା ।

*ଶୂରଡିହ, ନନ୍ଦିପୁର, ଦଶରଥପୁର*
*ମୋ:୯୪୩୭୮୬୫୭୨୭*





# ଧାଇଁ ଗିଡ଼ି ଗିଡ଼ି ଧେଇକି

*ସତ୍ୟବ୍ରତ ସାହୁ*

ଧାଇଁ ଗିଡ଼ି ଗିଡ଼ି ଧେଇକି
କୋଇଲି ଡାକ୍ତର ହେଇକି
ସଭିଙ୍କୁ ଡକାଇ ବୁଝାଇ କହିଲା
ଡେଙ୍ଗୁ ଜ୍ୱର ହୁଏ କାହିଁକି।

ଧାଇଁ ଗିଡ଼ି ଗିଡ଼ି ଧେଇକି
ଏଡିସ ମଶାର ପାଇଁକି
ଚିକୁନ ଗୁନିଆ ଓ ଡେଙ୍ଗୁ ଜ୍ୱର ହୁଏ
ଶୁଣୁଥାଅ ମନ ଦେଇକି।

ଧାଇଁ ଗିଡ଼ି ଗିଡ଼ି ଧେଇକି
ଶୋଇଲେ ମଶାରୀ ଟାଙ୍ଗିକି
ମଶା କାମୁଡକୁ ଡରତ ନଥିବ
ଡର ନାହିଁ ଡେଙ୍ଗୁ ପାଇଁକି।

ଧାଇଁ ଗିଡ଼ି ଗିଡ଼ି ଧେଇକି
ପ୍ରତିଷେଧକ ନାହିଁ ଯା ପାଇଁକି
ସତର୍କ ରହିଲେ ହେବନି ଏ ଜ୍ୱର
ହେଜ କର ମୋର ବାଣୀକି।

ଧାଇଁ ଗିଡ଼ି ଗିଡ଼ି ଧେଇକି
ଖାଲ ଖମା ପୋତି ଦେଇକି
ଘର ଚାରିପାଖ ପାଣି ନଜମିଲେ
ମଶା ବଂଶ କମେ ଯାଇଁକି।

*ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର-୭୫୫୦୩୬*
*ମୋ -୮୯୧୭୨୭୩୫୪୫*

# ଆସିଗଲା ଖରାଛୁଟି

*ନିରଞ୍ଜନ ସାହୁ*



ଆସିଗଲା ଖରାଛୁଟି
ସାଙ୍ଗସାଥି ଯିବେ ଜୁଟି
ସ୍କୁଲ୍ ଛୁଟି ବୋଲି ଆମରି ସମ୍ପର୍କ
କଦାପି ଯିବନି ତୁଟି ।

ମିଳିବ ଅନେକ ବେଳ
ଚାଲିବ ନାନାଦି ଖେଳ
ମାମୁଁଘର ଯିବି ସମୟ କାଟିବି
ବସିକି ଯିବି ମୁଁ ରେଳ ।

ପୋଖରୀ ଗାଧୁଆ ହେବ
ଦେହକୁ ଶୀତଳ ଦେବ
ରସାଳ ତୋଟାରେ ବୁଲୁଥିବି ମୁହିଁ
ଆଈ ମୋତେ ସାଥେ ନେବ ।

ଖାଇବି ପଖାଳ ଭାତ
ଦେଖିବି ଚନ୍ଦନ ଯାତ
ଖରାବେଳଟାରେ ଘରେ ମୁଁ ଶୋଇବି
ହେବନାହିଁ ଅଂଶୁଘାତ ।

ପିଇବା ତୋରାଣି, ପାଣି
ଖାଇବା କାକୁଡ଼ି ଆଣି
ଘୋଳଦହି, ସରବତ, ଆଇସ୍କ୍ରିମ
ଶାନ୍ତି ଦେବ ମନ ଜାଣି ।


ମୋର କଥା ସର୍ବେ ମାନ
ସୂତା ବସ୍ତ୍ର ପରିଧାନ
କଳା ଚଷମାଟି ଆଖିରେ ନାଇବ
ଶୁଣିଥାଅ ଖୋଲି କାନ ।

କାଳବୈଶାଖୀର ଭୟ
ଘଡଘଡି, ବର୍ଷା ଥୟ
ଅପରାହ୍ନ ବେଳେ ଦୂରସ୍ଥାନ ଗଲେ
ଏଥିପ୍ରତି ଦେବା ଲୟ ।

ପାଠକୁ ଭୁଲି ନ ଯିବା
ଏହା ମନେରଖିଥିବା
ଘରେ ଆମେ ନିତି ପାଠ ପଢୁଥିଲେ
ଗୁରୁଜୀଙ୍କୁ ଭୟ କିବା ?

*ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ-୭୫୯୦୧୬*
*ମୋ-୯୯୩୮୭୪୧୫୮୩*

# ତୁମ ତୂଳୀରୁ ...




ଦେବ ଆର୍ଯ୍ୟନ ପଣ୍ଡା, ଶ୍ରେଣୀ - ପଞ୍ଚମ,
ସେଣ୍ଟ ଜାଭିୟର୍ସ ସ୍ମାର୍ଟ ସ୍କୁଲ, ଟାଙ୍ଗୀ, କଟକ

## ମୁମ୍ବାଇ ଠାରୁ ୭ ୱିକେଟରେ ହାରିଲା ହାଇଦ୍ରାବାଦ



**ହାଇଦ୍ରାବାଦ**

ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମଠାରେ ଚାଲିଥିବା ଆଇପିଏଲ ୨୦୨୫ର ୪୧ତମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୪୩ ରନ କରିଥିଲା। ହାଇଦ୍ରାବାଦ ଆରମ୍ଭରୁ ନିୟମିତ ବ୍ୟବଧାନରେ ୱିକେଟ ହରାଇ ସଂକଟରେ ପଡ଼ିଥିଲା। ଏପରିକି ଦଳ ୩୫ ରନରେ ୫ଟି ୱିକେଟ୍ ହରାଇଥିଲା। ତାରକା ବ୍ୟାଟ୍ସମ୍ୟାନ ଟ୍ରାଭିସ ହେଡ୍ ଖାତା ଖୋଲିପାରିନଥିଲେ। ତେବେ ହେନେରିକ କ୍ଲାସେନ ମୁମ୍ବାଇ ବୋଲରଙ୍କ ମୁକାବିଲା ଜାରିରଖି ମାତ୍ର ୪୪ ବଲରେ ୭୧ ରନ କରିଥିଲେ। ସେହିପରି ଅଭିନବ ମନୋହର ୪୩ ରନ କରିଥିଲେ। ଅଧିନାୟକ ପ୍ୟାଟ୍ କମିନ୍ସ ମାତ୍ର ୧ ରନ କରିଥିଲେ। ମୁମ୍ବାଇ ପକ୍ଷରୁ ଟ୍ରେଣ୍ଟ ବୋଲଟ୍ ୪ଟି ୱିକେଟ ନେଇଥିବାବେଳେ ଦିପକ ଚହର ୨ଟି ୱିକେଟ ନେଇଥିଲେ।

ଲଗାତାର ଚତୁର୍ଥ ମ୍ୟାଚ୍ ଜିତି ମୁମ୍ବାଇ ଇଣ୍ଡିଆନ୍ସ ପଏଣ୍ଟ ଟେବୁଲର ଶୀର୍ଷ-୩ରେ ପ୍ରବେଶ କରିଛି। ଦଳ ସନରାଇଜର୍ସ ହାଇଦ୍ରାବାଦକୁ ୭ ୱିକେଟରେ ପରାସ୍ତ କରିଛି। ମୁମ୍ବାଇର ପୂର୍ବତନ ଅଧିନାୟକ ରୋହିତ ଶର୍ମା ଲଗାତାର ଦ୍ୱିତୀୟ ମ୍ୟାଚ୍ ପାଇଁ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ ଟ୍ରେଣ୍ଟ ବୋଲ୍ଟ ୪ଟି ୱିକେଟ ନେଇଥିଲେ।

## ପହଲଗାମ ଆତଙ୍କବାଦୀ ଆକ୍ରମଣରେ ବିସିସିଆଇର କଠୋର ଆଭିମୁଖ୍ୟ

**ନୂଆଦିଲ୍ଲୀ**

ଜମ୍ମୁ-କାଶ୍ମୀରର ପହଲଗାମରେ ଘଟିଥିବା ଆତଙ୍କବାଦୀ ଆକ୍ରମଣରେ ପୂରା ଦେଶ ସ୍ତବ୍ଧ ହୋଇଯାଇଛି। ଏହି କାପୁରୁଷପଣ ଆକ୍ରମଣ ପାଇଁ ପାକିସ୍ତାନ ସ୍ଥିତ ଲସ୍କର ଏ ତୋଇବାର ଆତଙ୍କବାଦୀ ଗୋଷ୍ଠୀ 'ଦ ରେଜିଷ୍ଟାନ୍ସ ଫୋର୍ସ'(ଟିଆରଏଫ) ନିଜକୁ ଦାୟୀ କରିଛି। କ୍ରିକେଟ୍ ଜଗତ ମଧ୍ୟ ଏହି ଘଟଣାକୁ ନେଇ କ୍ଷୁବ୍ଧ। ସବୁ ମହଲରେ ପାକିସ୍ତାନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏହା ମଧ୍ୟରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ମଧ୍ୟ ପାକିସ୍ତାନକୁ ନେଇ ନିଜର କଡ଼ା ଆଭିମୁଖ୍ୟ ଦେଖାଇଛି।

ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା ଏହି ଆତଙ୍କବାଦୀ ଘଟଣା ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଆମେ ପୀଡ଼ିତାଙ୍କ ସହ ଅଛୁ ଏବଂ ଏହି ଘଟଣାର ତୀବ୍ର ନିନ୍ଦା କରୁଛୁ। କ'ଣ ପାକିସ୍ତାନ ସହ କ୍ରିକେଟ୍ ଖେଳିବା ବନ୍ଦ କରିଦେବା ଉଚିତ୍? ଏହି ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଆମ ସରକାର ଯାହା କହିବେ, ତାହା ଆମେ ପାଳନ କରିବୁ। ପାକିସ୍ତାନ ସହ ଦ୍ୱିପାକ୍ଷିକ ସିରିଜ୍ ଖେଳୁନାହୁଁ। ଆମେ ଆଗକୁ ମଧ୍ୟ ପାକିସ୍ତାନ ସହ ଦ୍ୱିପାକ୍ଷିକ ସିରିଜ୍ ଖେଳିବୁ ନାହିଁ। ଆଇସିସି ଭାଗିଦାରୀ କାରଣରୁ ଆମେ ଆଇସିସି ଇଭେଣ୍ଟରେ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ଖେଳୁଛୁ।



ଭାରତ ଓ ପାକିସ୍ତାନ ଶେଷ ଥର ଦ୍ୱିପାକ୍ଷିକ ସିରିଜ୍ ୨୦୧୨-୧୩ରେ ଖେଳିଥିଲେ। ସେହି ସମୟରେ ପାକିସ୍ତାନ ଭାରତ ଗସ୍ତରେ ଆସିଥିଲା। ସେହି ସମୟରେ ୨ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳା ଯାଇଥିଲା। ଅନ୍ୟପଟେ ଭାରତ ପାକିସ୍ତାନ ମାଟିରେ ଶେଷ ଥର ୨୦୦୭ରେ ଟେଷ୍ଟ ସିରିଜ୍ ଖେଳିଥିଲା। ଅନ୍ୟପଟେ ପାକିସ୍ତାନ ୨୦୨୩ ବିଶ୍ୱକପ୍ ଖେଳିବା ପାଇଁ ଭାରତ ଆସିଥିଲା। ଭାରତୀୟ ଦଳ ନିକଟରେ ଚାମ୍ପିଅନ୍ସ ଟ୍ରଫି ପାଇଁ ପାକିସ୍ତାନ ଗସ୍ତ କରିବାକୁ ମନା କରି ଦେଇଥିଲା। ଏହି କାରଣରୁ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି) ହାଇବ୍ରିଡ ମଡେଲରେ ଚାମ୍ପିଅନ୍ସ ଟ୍ରଫିର ଆୟୋଜନ କରିଥିଲା। ଦୁବାଇକୁ ନିରପେକ୍ଷ ସ୍ଥାନ ଭାବେ ଚୟନ କରାଯାଇଥିଲା।

ସୂଚନାଯୋଗ୍ୟ, ପହଲଗାମରେ ଏପ୍ରିଲ ୨୨ରେ ଆତଙ୍କବାଦୀ ଆକ୍ରମଣରେ ୨୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୭ ଜଣ ଆହତ ହୋଇଛନ୍ତି। ଏହି ଘଟଣା ମଙ୍ଗଳବାର ଅପରାହ୍ଣ ପ୍ରାୟ ୨ଟା ୩୦ରେ ଘଟିଛି। ଏହି ସମୟରେ ଆତଙ୍କବାଦୀ ଲୋକଙ୍କ ଧର୍ମ ପଚାରି ସେମାନଙ୍କ ଉପରେ ଉପରେ ଆକ୍ରମଣ କରିଛନ୍ତି।

## ୫ ମହିଳା ଚେସ୍ ଖେଳାଳିଙ୍କୁ ମିଳିବ ୧କୋଟି ଅନୁଦାନ



**ହାଇଦ୍ରାବାଦ**

ଭାରତରେ ମହିଳା ଖେଳର ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଥିବା ୬୪ ସ୍କୋୟାର୍ସ ନାମକ ଏକ ସଂଗଠନ ଇଣ୍ଟରନ୍ୟାସନାଲ ମାଷ୍ଟର (ଆଇଏମ୍) ଭାନ୍ତିକା ଅଗ୍ରୱାଲଙ୍କ ବ୍ୟତୀତ ଅନ୍ୟ ୪ଜଣ ଉଦୀୟମାନ ଚେସ୍ ଖେଳାଳି ୧କୋଟି ଟଙ୍କାର ଫେଲୋସିପ୍ ଅନୁଦାନ ପାଇବା ପାଇଁ ମନୋନୀତ କରିଛି। ୬୪ ସ୍କୋୟାର୍ସ ହେଉଛି ହାଇଦ୍ରାବାଦସ୍ଥିତ ପ୍ରଭାହ ଫାଉଣ୍ଡେସନ ଏବଂ ଚେସ୍ ଷ୍ଟାର୍ଟଅପ୍ ଏମ୍‌ଜିଡି-୧ର ଏକ ମିଳିତ ପ୍ରୟାସ। ଉପକୃତ ହେବାକୁଥିବା ୫ ଖେଳାଳି ହେଲେ ଆଇଏମ୍ ଭାନ୍ତିକା, ଡବ୍ଲ୍ୟୁଏଫ୍‌ଏମ୍ ଶୁଭି ଗୁପ୍ତା, ଡବ୍ଲ୍ୟୁଏଫ୍‌ଏମ୍ ଚାର୍ଭି ଅନିଲକୁମାର ଏବଂ ଉଦୀୟମାନ ପ୍ରତିଭା ଡବ୍ଲ୍ୟୁଏଫ୍‌ଏମ୍ ସାରାୟୁ ଭେଲପୁଲା ଓ ଡବ୍ଲ୍ୟୁଆଇଏମ୍ ସାହିଥି ଭାର୍ସିନୀ।

ଫେଲୋସିପ୍ ଅନୁଦାନ ଏହି ଖେଳାଳିମାନଙ୍କ ଏକ ବର୍ଷ ପାଇଁ ଟ୍ରେନିଂ, ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ବ୍ୟୟ ପରାଯିବ। ଏମାନଙ୍କ ମଧ୍ୟରୁ ପୂର୍ବରୁ ଅର୍ଜୁନ ପୁରସ୍କାର ବିଜେତା ଭାନ୍ତିକା ୨୦୨୩ରେ ସହାୟତା ପାଇଥିଲେ। ଏହାପରେ ସେ ଇଣ୍ଟରନ୍ୟାସନାଲ ମାଷ୍ଟର ଟାଇଟଲ ହାସଲ କରିଥିଲେ। ଦେଶ ପାଇଁ ସେ ଅନେକ ସମ୍ମାନ ଆଣି ଦେଇଛନ୍ତି। ୨୦୨୪ରେ ଚେସ୍ ଅଲିମ୍ପିଆଡ୍‌ରେ ସେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଫେଲୋସିପ୍ ଅନୁଦାନ ସହାୟତାରେ ସମ୍ମାନଜନକ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବା ପରେ ଭାନ୍ତିକା ପୁଣି ସୁଯୋଗ ପାଇବା ପାଇଁ ପୁଣି ମନୋନୀତ ହୋଇଛନ୍ତି।

## ଆଇପିଏଲରେ ଇତିହାସ ରଚିଲେ କେ.ଏଲ ରାହୁଲ

**ନୂଆଦିଲ୍ଲୀ**

କେଏଲ ରାହୁଲ ଆଇପିଏଲ ଇତିହାସରେ ଦ୍ରୁତତମ ୫,୦୦୦ ରନ ପୂରଣ କରିଥିବା ଖେଳାଳି ହୋଇଛନ୍ତି। ସେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷ ମ୍ୟାଚ୍‌ରେ ଏହି ସଫଳତା ପାଇଥିଲେ। ଏହି ମ୍ୟାଚ୍‌ରେ ସେ ୫୭ ରନ୍‌ର ଅପରାଜିତ ଇନିଂସ ଖେଳିଥିଲେ। ଏହି କ୍ଷେତ୍ରରେ ସେ ଡେଭିଡ ୱାର୍ଣ୍ଣରଙ୍କୁ ପଛରେ ପକାଇ ଦେଇଛନ୍ତି। ୱାର୍ଣ୍ଣର ୧୩୫ ଇନିଂସରେ ୫ ହଜାର ରନ ପୂରଣ କରିଥିଲେ। ରାହୁଲ ୧୩୦ ଇନିଂସରେ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି।

ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ବିପକ୍ଷ ମ୍ୟାଚ୍ ପୂର୍ବରୁ, କେଏଲ ରାହୁଲ ୧୨୯ ଇନିଂସରେ ୪,୯୪୯ ରନ କରିଥିଲେ। ଲକ୍ଷ୍ନୌ ବିପକ୍ଷ ମ୍ୟାଚ୍‌ରେ ୫୧ ରନ କରି ସେ ଆଇପିଏଲରେ ୫ ହଜାର ରନ ଛୁଇଁଛନ୍ତି। ସେ ଏବେ ତାଙ୍କର ୧୩୯ ମ୍ୟାଚ୍ ବିଶିଷ୍ଟ ଆଇପିଏଲ କ୍ୟାରିୟରରେ ୫,୦୦୬ ରନ କରିଛନ୍ତି। ଏଥିରେ ୪ଟି ଅର୍ଦ୍ଧଶତକ ଏବଂ ୪୦ଟି ଅର୍ଦ୍ଧଶତକ ସାମିଲ ଅଛି। ଆଇପିଏଲରେ, କେଏଲ ରାହୁଲ ୧୩୦ ଇନିଂସରେ ଦ୍ରୁତ ୫ ହଜାର ରନ ପୂରଣ କରିଛନ୍ତି। ଏହି ତାଲିକାରେ ଡେଭିଡ ୱାର୍ଣ୍ଣର ଦ୍ୱିତୀୟ ସ୍ଥାନରେ ଅଛନ୍ତି। ବିରାଟ କୋହଲି ୧୫୭ ଇନିଂସରେ ଏହି ସଫଳତା ହାସଲ କରି ତୃତୀୟ ସ୍ଥାନରେ ଅଛନ୍ତି। ଏହି ତାଲିକାରେ ଏବି ଡିଭିଲିୟର୍ସ ଏବଂ ଶିଖର ଧାୱନଙ୍କ ନାମ ମଧ୍ୟ ସାମିଲ ଅଛି।



କେଏଲ ରାହୁଲ ୧୩୦ ଇନିଂସ, ଡେଭିଡ ୱାର୍ଣ୍ଣର ୧୩୫ ଇନିଂସ, ବିରାଟ କୋହଲି ୧୫୭ ଇନିଂସ, ଏବି ଡିଭିଲିୟର୍ସ ୧୬୧ ଇନିଂସ, ଶିଖର ଧାୱନ ୧୬୮ ଇନିଂସ।

କେଏଲ ରାହୁଲ ଆଇପିଏଲ ୨୦୨୫ରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ପ୍ରଥମ ୨ଟି ମ୍ୟାଚ୍ ଖେଳି ନ ଥିଲେ। ୨ଟି ମ୍ୟାଚ୍ ନ ଖେଳିବା ସତ୍ତ୍ୱେ, ସେ ଅରେଞ୍ଜ କ୍ୟାପ୍ ଦୌଡ଼ରେ ରହିଛନ୍ତି। ରାହୁଲ ଏପର୍ଯ୍ୟନ୍ତ ୭ଟି ଇନିଂସରେ ୬୪.୬ ହାରରେ ୩୨୩ ରନ କରିଛନ୍ତି ଏବଂ ଅରେଞ୍ଜ କ୍ୟାପ୍ ଦୌଡ଼ରେ ସପ୍ତମ ସ୍ଥାନରେ ଅଛନ୍ତି। ସେ ୨୦୨୫ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଏପର୍ଯ୍ୟନ୍ତ ସର୍ବାଧିକ ରନ ସ୍କୋରର ମଧ୍ୟ।

## ଆଇଏସ୍ଏସ୍ଏଫ୍ ୱାର୍ଲଡ କପ୍ : ଭାରତକୁ ତୃତୀୟ ସ୍ଥାନ


**ଲିମା (ପେରୁ)**

ପୃଥ୍ୱୀରାଜ ଟୋଣ୍ଡାଇମାନ ଓ ପ୍ରଗତି ଦୁବେ ଟ୍ରାପ୍ ମିକ୍ସଡ ଟିମ୍ ଇଭେଣ୍ଟର ମେଡାଲ ରାଉଣ୍ଡକୁ ଉନ୍ନୀତ ହେବାରେ ବିଫଳ ହେବାରୁ ଭାରତୀୟ ଶୁଟରମାନେ ଏଠାରେ ଅନୁଷ୍ଠିତ ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟରେ ଶିମରନପ୍ରୀତ୍ କୌର ଭାରତ ପାଇଁ ଶେଷ ପଦକ ଜିତିଥିଲେ। ଏହାଦ୍ୱାରା ଭାରତର ପଦକ ସଂଖ୍ୟା ଦୁଇ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ସହ ୭ରେ ପହଞ୍ଚିଛି। ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍ଏ) ମଧ୍ୟ ୭ ପଦକ ଲାଭ କରିଛି। ମାତ୍ର ଅଧିକ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଦୃଷ୍ଟିରୁ ଭାରତକୁ ଅତିକ୍ରମ କରି ଏହି ଦେଶ ଦ୍ୱିତୀୟ ସ୍ଥାନ ଅଧିକାର କରିନେଇଛି। ଚାଇନାର ୪ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ସହ ଷ୍ଟାଣ୍ଡିଂରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଭାରତ ତରଫରୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୮ ବର୍ଷୀୟ ସୁରୁଚି ଇନ୍ଦର ସିଂ ଦେଶ ପାଇଁ ଉଭୟ ସ୍ୱର୍ଣ୍ଣ ପଦକ ଆଣି ଦେଇଛନ୍ତି। ସେ ପ୍ୟାରିସ୍ ଅଲିମ୍ପିକ୍ସ ଡବଲ ପଦକ ବିଜେତା ମନୁ ଭାକରଙ୍କୁ ପଛରେ ପକାଇ ୧୦ ମିଟର ଏୟାର ପିସ୍ତଲ ଟାଇଟଲ ହାସଲ କରିଥିଲେ। ଏହାଛଡ଼ା ସେ ସୌରଭ ଚୌଧାରୀଙ୍କୁ ସାଥୀ କରି ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ନ୍ୟାଶନାଲ ରାଇଫଲ ଆସୋସିଏସନ ଅଫ୍ ଇଣ୍ଡିଆ (ଏନ୍‌ଆରଏଆଇ)ର ସାଧାରଣ ସମ୍ପାଦକ କେ. ସୁଲତାନ ସିଂ ଯୁବ ଭାରତୀୟ ଶୁଟରଙ୍କ ପ୍ରଦର୍ଶନ ନେଇ ଆନନ୍ଦ ପ୍ରକାଶ କରିଛନ୍ତି।



## ଚିୟର ଗର୍ଲ, ଆତସବାଜୀ ବିନା ହେଲା ଆଇପିଏଲ ମ୍ୟାଚ୍



**ନୂଆଦିଲ୍ଲୀ**

ସନରାଇଜର୍ସ ହାଇଦ୍ରାବାଦ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ଖେଳାଳିଙ୍କ ହାତରେ କଳା ପଟି। ଆଇପିଏଲ ୨୦୨୫ର ୪୧ତମ ମ୍ୟାଚ୍ ବୁଧବାର ମୁମ୍ବାଇ ଇଣ୍ଡିଆନ୍ସ ଏବଂ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍ ହାଇଦ୍ରାବାଦର ରାଜୀବ ଗାନ୍ଧୀ ଷ୍ଟାଡିୟମରେ ଖେଳାଯାଇଥିଲା। ମ୍ୟାଚ୍‌ରେ ଉଭୟ ଦଳର ଖେଳାଳି ଏବଂ ଅମ୍ପାୟାର ହାତରେ କଳା ପଟି ବାନ୍ଧି ପଡ଼ିଆକୁ ପ୍ରବେଶ କରିଥିଲେ। ଏହା ପଛରେ କାରଣ ହେଉଛି ୨୨ ଏପ୍ରିଲରେ ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଦେବା। ୨୦୧୯ ମସିହାରେ ପୁଲୱାମା ଆକ୍ରମଣ ପରେ ଏହା ଘାଟିରେ ହୋଇଥିବା ସବୁଠାରୁ ଭୟଙ୍କର ଆକ୍ରମଣ। ଏହି ଘଟଣାରେ ବିସିସିଆଇ ଗଭୀର ଦୁଃଖ ପ୍ରକାଶ କରିଛି ଏବଂ ଆଜିର ଆଇପିଏଲ ମ୍ୟାଚ ସମୟରେ ପୀଡ଼ିତମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛି। ଏହି ସୂଚନା ବିସିସିଆଇର ଏକ ସୂତ୍ର ଦ୍ୱାରା ସମ୍ବାଦ ସଂସ୍ଥା ଇଘଓକୁ ଦିଆଯାଇଛି।

## ପିଏସଏଲ : ପଡ଼ିଆ ମଝିରେ ୱିକେଟ କିପରଙ୍କୁ ମୁଥ ମାରିଲେ ବୋଲର

**ଇସଲାମାବାଦ**

ପାକିସ୍ତାନ ସୁପର ଲିଗ୍ ବା ପିଏସଏଲ ଆରମ୍ଭ ହେବା ଦିନଠାରୁ, କିଛି ବିବାଦ ଏବଂ ଘଟଣା ଘଟିଛି ଯାହା କ୍ରିକେଟକୁ ବାରମ୍ବାର ହସର ଖୋରାକ ଦେଇଥାଏ। ମ୍ୟାଚ୍ ମଝିରେ ଲାଇଟ ଲିଭିଯିବା, ଅମ୍ପାୟାରଙ୍କ ସହ ଖେଳାଳିଙ୍କ ଝଗଡ଼ା ହେବା କିମ୍ବା ଡ୍ରେସିଂ ରୁମ୍ ଭିତରର ଜିନିଷ ବାହାରକୁ ଆସିବା। ଏବେ ଏକ ନୂଆ ମାମଲା ସାମ୍ନାକୁ ଆସିଛି।

ଆଇପିଏଲରେ ହରଭଜନ ସିଂହ ଏବଂ ଏସ.ଶ୍ରୀସନ୍ଥଙ୍କ ମଧ୍ୟରେ ହୋଇଥିବା 'ଚାପୁଡ଼ା ଘଟଣା' ପ୍ରାୟ ସମସ୍ତଙ୍କର ମନେଥିବ। ଏହି ଘଟଣାଟି ସେତେବେଳେ ବହୁତ ଚର୍ଚ୍ଚାକୁ ଆସିଥିଲା। ଏବେ ସୀମା ଆରପାରିରେ ସମାନ ଏକ ଘଟଣା ଘଟିଛି। ପାକିସ୍ତାନ ସୁପର ଲିଗ୍ ବା ପିଏସଏଲର ଏକ ମ୍ୟାଚ୍‌ରେ ଜଣେ ଖେଳାଳି ଅନ୍ୟ ଜଣେ ଖେଳାଳିଙ୍କୁ ଚାପୁଡ଼ା ମାରିଥିଲେ, ଯାହାର ଭିଡିଓ ଦ୍ରୁତ ଗତିରେ ଭାଇରାଲ ହେବାରେ ଲାଗିଛି।



୨୨ ଏପ୍ରିଲରେ ପାକିସ୍ତାନ ସୁପର ଲିଗରେ ମୁଲତାନ ସୁଲତାନ ଏବଂ ଲାହୋର କଲନ୍ଦର୍ସ ମଧ୍ୟରେ ଏକ ମ୍ୟାଚ ଚାଲିଥିଲା। ଥରେ ମ୍ୟାଚ୍ ମଝିରେ ଏକ 'ଚାପୁଡ଼ା ଘଟଣା' ଘଟିଥିଲା। ଯଦିଓ ଖେଳାଳି ଜଣକ ଜାଣିଶୁଣି ଏହା କରି ନଥିଲେ, କିନ୍ତୁ ଭୁଲ ଏପରି ଥିଲା ଯେ ମୁଲତାନ ସୁଲତାନର ଦୁଇ ଖେଳାଳି ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲେ। ଏହି ଦୁଇ ଖେଳାଳି ହେଉଛନ୍ତି ଓବୈଦ ଶାହ ଏବଂ ଉସ୍‌ମାନ ଖାନ। ଲାହୋର କଲନ୍ଦର୍ସ ଇନିଂସର ୧୫ତମ ଓଭରର ଶେଷ ବଲରେ ଓବୈଦ ଶାହ ସାମ ବିଲିଙ୍ଗସଙ୍କ ୱିକେଟ ନେଇଥିଲେ। ଖୁସି ମନାଇବା ପାଇଁ, ଓବୈଦ ଶାହ ୱିକେଟ କିପର ଉସ୍‌ମାନ ଖାନଙ୍କୁ ହାଇ-ଫାଇଭ ଦେବାକୁ ଯାଇଥିଲେ। କିନ୍ତୁ ସେ ତାଙ୍କୁ ଠିକ୍ ଭାବରେ ବିଚାର କରିପାରିଲେ ନାହିଁ ଏବଂ ସେ ସିଧା ତାଙ୍କୁ ଚାପୁଡ଼ା ମାରିଲେ। ଏହି ଘଟଣାରେ ଉସ୍‌ମାନ ଖାନଙ୍କୁ ସାମାନ୍ୟ ଆଘାତ ଲାଗିଥିଲା ଏବଂ ସେ ତଳେ ପଡ଼ିଯାଇଥିଲେ। ତଥାପି ଆଘାତ ପରେ ମଧ୍ୟ, ଉସ୍‌ମାନ ଶାହ ଖେଳିବା ବନ୍ଦ କରିନଥିଲେ ଏବଂ ୱିକେଟ କିପିଂ ଜାରି ରଖିଥିଲେ। ସେହି ଘଟଣା ପରେ ସେ ମ୍ୟାଚ୍‌ରେ ଏକ କ୍ୟାଚ ମଧ୍ୟ ନେଇଥିଲେ। ଓବୈଦ ଶାହଙ୍କ ବିଷୟରେ କହିବାକୁ ଗଲେ, ସେ ମ୍ୟାଚ୍‌ରେ ୪ ଓଭରରେ ୩୭ରନ ଦେଇ ୩ଟି ୱିକେଟ ନେଇଥିଲେ, ଯେଉଁଥିରେ ସାମ୍ ବିଲିଙ୍ଗ୍‌ସ ତାଙ୍କର ଶେଷ ଶିକାର ହୋଇଥିଲେ।

## ଅନ୍ତଃବିଶ୍ୱବିଦ୍ୟାଳୟ ହକି ଫଳାଫଳକୁ ନେଇ ବିବାଦ : ଗୁରୁତର ଅଭିଯୋଗ ଆଣିଲେ ଉତ୍କଳ ବିଶ୍ୱବିଦ୍ୟାଳୟ ଦଳର ପ୍ରବନ୍ଧକ

**ଭୁବନେଶ୍ୱର**

କେନ୍ଦୁଝରର ଧରଣୀଧର ମହାବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଅନ୍ତଃବିଶ୍ୱବିଦ୍ୟାଳୟ ହକି ପ୍ରତିଯୋଗିତାର ଫଳାଫଳକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି। ଫାଇନାଲ୍‌ରେ ଚକ୍ରାନ୍ତ କରି ଉତ୍କଳ ବିଶ୍ୱ ବିଦ୍ୟାଳୟକୁ ହରାଇ ଦିଆଯାଇଥିବା ଭଳି ଚାଞ୍ଚଲ୍ୟକର ଅଭିଯୋଗ ଏହି ଦଳର ପ୍ରବନ୍ଧକ ଚନ୍ଦ୍ରକାନ୍ତ ମଲ୍ଲିକ ଏକ ପ୍ରେସ୍ ବିଜ୍ଞପ୍ତିରେ ଅଭିଯୋଗ କରିଛନ୍ତି। ଏଣୁ ଅନ୍ତଃ ବିଶ୍ୱବିଦ୍ୟାଳୟ ହକି ପ୍ରତିଯୋଗିତାର ବିଶ୍ୱସନୀୟତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀ ମଲ୍ଲିକ ଅଭିଯୋଗ କରିଛନ୍ତି ଯେ ଆୟୋଜକମାନେ ଯୋଜନାବଦ୍ଧ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଫାଇନାଲ୍‌ରେ ହରାଇ ଦେଇଥିଲେ। ଅନ୍ୟପକ୍ଷରେ ଅନ୍ୟାୟ କରି ଏକତରଫା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଜିତାଇ ଦେଇଥିଲେ। ଗତବର୍ଷ ରେଭେନ୍‌ସା ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ଅନ୍ତଃବିଶ୍ୱବିଦ୍ୟାଳୟ ହକି ପ୍ରତିଯୋଗିତାର ଫାଇନାଲ୍‌ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ହରାଇ ଉତ୍କଳ ବିଶ୍ୱବିଦ୍ୟାଳୟ ବିଜେତା ହୋଇଥିବାରୁ ଏବର୍ଷ ତା'ର ପ୍ରତିଶୋଧ ନେବା ଲାଗି ଏଭଳି କରାଯାଇଥିଲା।

ଏହି ବିଶ୍ୱବିଦ୍ୟାଳୟର ଅଧିକାରୀମାନେ ଆୟୋଜକଙ୍କ ସହ ମିଶି ଉତ୍କଳ ବିଶ୍ୱବିଦ୍ୟାଳୟକୁ ହରାଇବାର ମସୁଧା ପୂର୍ବରୁ କରିଥିଲେ। ସେଥିପାଇଁ ରେଫରି ଉତ୍କଳ ବିଶ୍ୱବିଦ୍ୟାଳୟର ଦୁଇଟି ଗୋଲ୍‌କୁ ଫାଉଲ୍ ଦେଇ ନାକଚ କରି ଦେଇଥିଲେ। ଫଳରେ ଏହାକୁ ନେଇ ପଡ଼ିଆ ଭିତରେ ଯୁକ୍ତିତର୍କ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଘଟଣାକୁ ଆଳ କରି ମ୍ୟାଚ୍ ପରିଚାଳନା ଦାୟିତ୍ୱରେ ଥିବା କିଛି ଅଧିକାରୀ ଉତ୍କଳକୁ ତୃତୀୟ ସ୍ଥାନକୁ ଖସାଇ ଦେବାକୁ ତାଗିଦ କରି ଆମ ଖେଳାଳିଙ୍କ ମନୋବଳ ଭାଙ୍ଗି ଦେଇଥିଲେ। ଏପରିକି ଫାଇନାଲ୍ ଚାଲିଥିଲା ବେଳେ ଆମର କିଛି ଖେଳାଳିଙ୍କୁ ପଡ଼ିଆ ଭିତରେ ଧମକ ଚମକ ମଧ୍ୟ ଦିଆଯାଇଥିଲା। ଏଭଳି ଅନ୍ୟାୟକୁ ବିରୋଧ କରି ଉତ୍କଳ ବିଶ୍ୱବିଦ୍ୟାଳୟ ଖେଳାଳିମାନେ ଆଉ ମ୍ୟାଚ୍ ଜାରି ରଖିବାକୁ ରାଜି ହୋଇ ନଥିଲେ। ଫଳରେ ତୃତୀୟ କ୍ୱାର୍ଟରରେ ମ୍ୟାଚ୍ ବନ୍ଦ ହୋଇଯିବା ସହ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ବିଜେତା ଘୋଷିତ କରାଯାଇଥିଲା। ବିନା ଦୋଷରେ ଉତ୍କଳକୁ ଉପବିଜେତାରେ ସନ୍ତୁଷ୍ଟ ହେବାକୁ ପଡ଼ିଲା। ସବୁଠାରୁ ବିଡ଼ମ୍ବନାର ବିଷୟ ହେଉଛି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଫାଇନାଲ୍ ଖେଳୁଥିଲା ବେଳେ ଆଶ୍ଚର୍ଯ୍ୟଜନକ ଭାବେ ଫାଇନାଲ୍ ପରିଚାଳନା ଦାୟିତ୍ୱରେ ଏହି ବିଶ୍ୱବିଦ୍ୟାଳୟର ଅଧିକାଂଶ ଅଧିକାରୀ ରହିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ହକି ଦଳର ପୃଷ୍ଠପୋଷକ ତଥା ଦଳର ପ୍ରବନ୍ଧକ, ପ୍ରଶିକ୍ଷକ ଏସ୍ ଏନ୍ ରାଉତଙ୍କୁ ପ୍ରତିଯୋଗିତାର ମୁଖ୍ୟ ବୈଷୟିକ ନିର୍ଦ୍ଦେଶକ କରାଯାଇଥିଲା।

## ଜେଇଇ ମେଇନ୍‌ସ୍ ଅନ୍ତିମ ପରୀକ୍ଷାରେ ଆର୍ଯ୍ୟଭଟ୍ଟ ଛାତ୍ରଛାତ୍ରୀଙ୍କ ଉତ୍କର୍ଷତା

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଜେ.ଇ.ଇ ମେଇନ୍‌ସ୍ ଅନ୍ତିମ ପରୀକ୍ଷାଫଳରେ ଆର୍ଯ୍ୟଭଟ୍ଟ ବ୍ରହ୍ମପୁରର ଛାତ୍ରଛାତ୍ରୀମାନେ ଉତ୍କର୍ଷ ପରୀକ୍ଷାଫଳ ପ୍ରଦର୍ଶନ କରିଛନ୍ତି। ଅନୁଷ୍ଠାନରେ ୩୯ ଜଣ ଜେ.ଇ.ଇ ପାଇଁ ପ୍ରଶିକ୍ଷଣ ନେଉଥିଲେ। ସେଥିରୁ ଶ୍ରୀଅଙ୍କା ପଟ୍ଟନାୟକ ଜେ.ଇ.ଇ ପ୍ରଥମ ପର୍ଯ୍ୟାୟ ବି. ର୍‍ୟାଙ୍କରେ ସର୍ବଭାରତୀୟ ସ୍ତରରେ ୨୦ତମ ସ୍ଥାନ ଅଧିକାର କରିଥିଲା ବେଳେ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦୁଇଜଣ ଛାତ୍ର ୯୮ ପର୍ସେଣ୍ଟରୁ ଉର୍ଦ୍ଧ୍ୱ ରଖିଥିଲା ବେଳେ ୧୪ ଜଣ ଛାତ୍ରଛାତ୍ରୀ ୯୫ ଉର୍ଦ୍ଧ୍ୱ ପର୍ସେଣ୍ଟରୁ ଉର୍ଦ୍ଧ୍ୱ ରଖିଛନ୍ତି ଓ ୨୮ଜଣ ଛାତ୍ରଛାତ୍ରୀ ୯୦ ଉର୍ଦ୍ଧ୍ୱ ପର୍ସେଣ୍ଟ ରଖି କୃତକାର୍ଯ୍ୟ ହୋଇଛନ୍ତି। ଅନୁଷ୍ଠାନର ଶିକ୍ଷକ କର୍ମକର୍ତ୍ତା ଓ ନିର୍ଦ୍ଦେଶକ କୃତି ଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଆଡ୍‌ଭାନ୍‌ସ୍ ପରୀକ୍ଷାରେ ସଫଳତା ପାଇଁ କାମନା କରିଛନ୍ତି। ପ୍ରକାଶ ଥାଉକି ଆର୍ଯ୍ୟଭଟ୍ଟ ବ୍ରହ୍ମପୁର ୨୦ ବର୍ଷ ଧରି ଜାତୀୟ ସ୍ତରର ପ୍ରବେଶିକା ପାଇଁ ପ୍ରଶିକ୍ଷଣ ଦେଇ ଆସୁଅଛି। ଜିଲ୍ଲାରେ ତଥା ଦକ୍ଷିଣ ଓଡ଼ିଶାରେ ପ୍ରବେଶିକା ପରୀକ୍ଷା ଭିତ୍ତିକ ଶିକ୍ଷାଦାନରେ ବୈପ୍ଳବିକ ପରିବର୍ତ୍ତନର ସୂତ୍ରପାତ କରି ଆସିଅଛି। ଅନେକ ଛାତ୍ର ଓ ୨୦ରୁ ୨୨ ଜଣ ଛାତ୍ରୀ ଏହି ଅନୁଷ୍ଠାନରୁ କୃତକାର୍ଯ୍ୟ ହୋଇ ଅନ୍ତର୍ଜାତୀୟ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅବସ୍ଥାପିତ ଅଛନ୍ତି କିମ୍ବା ଆନ୍ତର୍ଜାତୀୟ ସ୍ତରର ଖ୍ୟାତି ସମ୍ପନ୍ନ ଉଚ୍ଚତର ଅନୁଷ୍ଠାନ ଯଥା ଲଣ୍ଡନ ସ୍କୁଲ ଅଫ ଇକୋନୋମିକ୍ସ, ଟେକ୍ସାସ୍ ୟୁନିଭର୍ସିଟି, ୱାରୱିକ୍ ଇଉନିଭର୍ସିଟି, ୱାସିଂଟନ ୟୁନିଭରସିଟି ଇତ୍ୟାଦି ଉଚ୍ଚତର ଅନୁଷ୍ଠାନରେ ଗବେଷଣାରତ ଅଛନ୍ତି କିମ୍ବା ଗବେଷଣା ସମ୍ପୂର୍ଣ୍ଣ କରି ବୈଜ୍ଞାନିକ ହୋଇପାରିଛନ୍ତି।

## ଜାତୀୟ ରାଜପଥ ପ୍ରଶସ୍ତୀକରଣ ପାଇଁ ଜମି ଅଧିଗ୍ରହଣ ନେଇ ଆଲୋଚନା

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ପ୍ରଶକ୍ତି କରଣ କାମ ଚାଲୁ ଥିବାରୁ ମାର୍ଶାଘାଇ ଏବଂ ମହାକାଳପଡ଼ା ତହସିଲ ଅଞ୍ଚଳରେ ପ୍ରଶସ୍ତୀକରଣ ପାଇଁ ଜମି ଆବଶ୍ୟକ ପଡୁଥିବାରୁ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାସ୍ତା ପ୍ରଶସ୍ତୀକରଣ ସମୟରେ ଗ୍ରାମ ଏବଂ ସହରକୁ ସଂଯୋଗ କରିବା ପାଇଁ ଜମିର ଆବଶ୍ୟକ ପଡୁଥିବାରୁ ଜମି ମାଲିକମାନଙ୍କ ସହିତ ଆଲୋଚନା କରାଯାଇଛି। ମାର୍ଶାଘାଇ ଏବଂ ମହାକାଳପଡ଼ା ତହସିଲ ଅଞ୍ଚଳର ବିଭିନ୍ନ ରାସ୍ତାଗୁଡ଼ିକୁ ସଂଯୋଗ କରିବା ପାଇଁ ଚାଷ ଜମି ମାଲିକମାନଙ୍କ ସହିତ ଆଲୋଚନା ସମୟରେ ସରକାରୀ ଧାର୍ଯ୍ୟ ମୂଲ୍ୟ ଉପରେ ଆଲୋଚନା କରାଯାଇଛି। ଚାଷୀମାନେ ଏହି ମୂଲ୍ୟରେ ଜମି ଛାଡ଼ିବାକୁ ଅମଙ୍ଗ ହେଉଥିବା ଜଣାପଡ଼ିଛି। ତେବେ ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦେଇ ହେବା ନାହିଁ ବୋଲି ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକ (ଚଣ୍ଡୀଖୋଲ) ଜୟ ପ୍ରକାଶ, ଜିଲ୍ଲା ସବ୍‌ରେଜିଷ୍ଟାର ସମୀର ବେହେରା, ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା, ରାଜସ୍ୱ ଅଧିକରୀ ଶୈଳେନ୍ଦ୍ର ମହାନ୍ତି, ଜମି ଅଧିଗ୍ରହଣ ଅଧିକାରୀ ତୃପ୍ତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



## କୋର୍ଟ ଯିବେ ମହମ୍ମଦ ଆଝାରୁଦ୍ଦିନ

**ନୂଆଦିଲ୍ଲୀ**

ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମର ଉତ୍ତର ଷ୍ଟାଣ୍ଡରୁ ଆଝାରୁଦ୍ଦିନଙ୍କ ନାମ ହଟାଇବାକୁ ହାଇଦ୍ରାବାଦ୍ କ୍ରିକେଟ୍ ଆସୋସିଏସନ (ଏଚ୍‌ସିଏ)ର ଓମ୍ବୁଡସ୍‌ମ୍ୟାନ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଉପରେ ରହିତାଦେଶ ଜାରି କରିବା ଲାଗି ଭାରତର ପୂର୍ବତନ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ତେଲଙ୍ଗାନା ହାଇକୋର୍ଟର ଦ୍ୱାରସ୍ଥ ହେବାକୁ ଯୋଜନା କରୁଛନ୍ତି। ଏଚ୍‌ସିଏର ସଦସ୍ୟ ଲର୍ଡସ କ୍ରିକେଟ କ୍ଲବ ପକ୍ଷରୁ ଦାଖଲ କରାଯାଇଥିବା ଆବେଦନ ଆଧାରରେ ଏଚ୍‌ସିଏର ଏଥିକ୍ସ ଅଧିକାରୀ ଥିବା ଅବସରପ୍ରାପ୍ତ ଜଷ୍ଟିସ ଭି. ଈଶ୍ୱରୟ୍ୟା ଏଭଳି ନିଷ୍ପତ୍ତି ନେଇଛନ୍ତି। ଲର୍ଡସ କ୍ରିକେଟ କ୍ଲବ ପକ୍ଷରୁ କରାଯାଇଥିବା ଆବେଦନରେ ଦର୍ଶାଯାଇଥିଲା, ୨୦୧୯ ଡିସେମ୍ବରରେ ଷ୍ଟାଡିୟମର ଉତ୍ତର ଷ୍ଟାଣ୍ଡକୁ ଆଝାରୁଦ୍ଦିନଙ୍କ ନାମରେ ନାମିତ କରିବା ଲାଗି ନିଷ୍ପତ୍ତି ନିଆଗଲା ବେଳେ ଭାରତର ପୂର୍ବତନ ଅଧିନାୟକ ଏଚ୍‌ସିଏର ପୂର୍ବତନ ସଭାପତି ଭାବେ କାର୍ଯ୍ୟକାରୀ ପରିଷଦରେ ବସିଥିଲେ। ଏଥିଯୋଗୁ ସେ ଏଚ୍‌ସିଏର ନିୟମ ଭଙ୍ଗ କରିଥିଲେ। ମୁଁ ନିଶ୍ଚିତ ଭାବେ ଆଇନର ବାଟ ଆପଣେଇବି ଏବଂ ଓମ୍ବୁଡସ୍‌ମ୍ୟାନଙ୍କ ନିର୍ଦ୍ଦେଶ ଉପରେ ରହିତାଦେଶ ଲାଗି ହାଇକୋର୍ଟରେ ଆବେଦନ କରିବି। ଭାରତର ଅଧିନାୟକଙ୍କ ନାମ ଷ୍ଟାଣ୍ଡରୁ ହଟାଇବାକୁ ନିର୍ଦ୍ଦେଶ ଦେବା ଏକ ଲଜ୍ଜାର ବିଷୟ ବୋଲି ଆଝାରୁଦ୍ଦିନ କହିଛନ୍ତି। ଏତଦ୍‌ବ୍ୟତୀତ ସେ ଓମ୍ବୁଡସ୍‌ମ୍ୟାନଙ୍କ ନିର୍ଦ୍ଦେଶର ବୈଧତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଆସୋସିଏସନର ସମ୍ବିଧାନ ଅନୁଯାୟୀ, ଓମ୍ବୁଡସ୍‌ମ୍ୟାନ ବା ଏଥିକ୍ସ ଅଧିକାରୀଙ୍କ କାର୍ଯ୍ୟକାଳ ୧ ବର୍ଷ। ଏହି ଘଟଣାରେ ଓମ୍ବୁଡସ୍‌ମ୍ୟାନଙ୍କ କାର୍ଯ୍ୟକାଳ ୨୦୨୫ ଫେବୃୟାରୀ ୧୮ ତାରିଖରେ ଶେଷ ହୋଇ ଯାଇଛି। ଏହି ତାରିଖ ପରେ ତାଙ୍କ ଦ୍ୱାରା ପାରିତ ସମସ୍ତ ନିର୍ଦ୍ଦେଶ ମୂଲ୍ୟହୀନ। ତାଙ୍କ କାର୍ଯ୍ୟକାଳରେ ବୃଦ୍ଧି କରାଯାଇ ନାହିଁ। ତାଙ୍କ କାର୍ଯ୍ୟକାଳରେ ବୃଦ୍ଧି କେବଳ ଏଜିଏମ୍‌ରେ କରାଯାଇପାରିବ, ଯାହା କି ଏପର୍ଯ୍ୟନ୍ତ ହୋଇନାହିଁ। ଏଣୁ ସେ କେଉଁ ଭଳି ନିର୍ଦ୍ଦେଶ ଜାରି କଲେ।

## ଓଡ଼ିଶା କୃଷକ ସଭା ପକ୍ଷରୁ ଦାବିପତ୍ର ପ୍ରଦାନ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା କୃଷକ ସଭା (ଏ.ଆଇ.କେ.ଏସ) କେନ୍ଦ୍ରାପଡ଼ା ଶାଖା ତରଫରୁ ୨୦୨୪-୨୫ ସରକାରୀ ଧାନକ୍ରୟ ଅବ୍ୟବସ୍ଥା ସଂପର୍କରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ୩ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଜିଲ୍ଲାର ବିଭିନ୍ନ ମଣ୍ଡିରେ ଧାନ ସଂଗ୍ରହ ସମୟରେ ଚାଷୀର ଝୋଟ ବସ୍ତା ପ୍ୟାକେଟ ଫେରସ୍ତ ବା ତା'ର ମୂଲ୍ୟ ପ୍ରଦାନ କରିବା, ପଞ୍ଜିକୃତ ଧାର୍ଯ୍ୟ କୋଟାରେ ସଂଗ୍ରହ ହୋଇ ନଥିବା ଅବଶିଷ୍ଟ ପରିମାଣର ଧାନକୁ ଚାଷୀଙ୍କ ଠାରୁ ସରକାରୀ ଦରରେ କ୍ରୟ କରାଯିବା, ଜିଲ୍ଲାର ବିଭିନ୍ନ ମଣ୍ଡିରେ ଧାନ କ୍ରୟ ସମୟରେ ହୋଇଥିବା ଦୁର୍ନୀତିର ତଦନ୍ତ କରାଯାଇ ଦୋଷୀକୁ ଦଣ୍ଡ ପ୍ରଦାନ କରିବା ଅଦି ଦାବିଗୁଡ଼ିକ ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ବିଜୟ ଦାସ, ସହଦେବ ଦାସ, କଳ୍ପତରୁ ପଲାଇ, ସରୋଜକାନ୍ତ ସାହାଣୀ, ପ୍ରଶାନ୍ତ ପଲାଇ, ଗୟାଧର ଧଳ, ଦାଶରଥୀ ସାହୁ, ରଶ୍ମି ରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ତାତିରୁ ନିସ୍ତାର ନାହିଁ : ଗ୍ରୀଷ୍ମପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଗୁରୁବାର ପର୍ଯ୍ୟନ୍ତ ପାଣିପାଗର କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ରାଜ୍ୟ ଉପରେ ଦୁଇଟି ନିମ୍ନ ଚାପରେଖା ସକ୍ରିୟ ରହିଛି। ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହେଉଛି। ତେବେ ବର୍ଷା ସତ୍ତ୍ୱେ ତାତିରୁ ଲୋକଙ୍କୁ ମିଳୁନି ନିସ୍ତାର। ଦିନରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ତାପମାତ୍ରା ସହିତ ଗୁଳୁଗୁଳି ଅଧିକ ଅନୁଭୂତ ହେଉଛି। ଫଳରେ ଘରୁ ବାହାରକୁ ବାହାରିବାକୁ ଲୋକେ ନାପସନ୍ଦ କରୁଛନ୍ତି। ଏଣୁ ଦିନ ୧୧ଟା ପରେ ସହରର ରାସ୍ତାଘାଟ ସମ୍ପୂର୍ଣ୍ଣ ଶୁନ୍‌ଶାନ୍ ରହୁଛି। ବର୍ତ୍ତମାନ ଖରା ଓ ଗୁଳୁଗୁଳି ଜନଜୀବନକୁ ଅତିଷ୍ଠ କରିସାରିଥିବା ବେଳେ ଏଭଳି ସ୍ଥିତି ଆଗକୁ ଜାରି ରହିବ। ଏପରିକି ଦୁଇ ଦିନ ପରେ ଏହି ତାପମାତ୍ରା ପୁଣି ୨ ଡିଗ୍ରୀରୁ ୪ ଡ଼ିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଯାହା ଜନସାଧାରଣଙ୍କ ଚିନ୍ତା ବଢ଼ାଇଛି। ବର୍ତ୍ତମାନ ବିଭିନ୍ନ ସ୍ଥାନରେ ତାପମାତ୍ରା ୩୮-୩୯ ଡ଼ିଗ୍ରୀ ରହୁଥିବା ବେଳେ ଆଗକୁ ଏହି ତାପମାତ୍ରା ୪୦-୪୨ ଡିଗ୍ରୀ ହେବାର ଆଶଙ୍କା ସୃଷ୍ଟି ହୋଇଛି। ତେବେ ୨୪ ତାରିଖ ପରେ ଜଳବାୟୁରେ କିଛିଟା ପରିବର୍ତ୍ତନ ହେବାର ସମ୍ଭାବନା ରହିଥିବା ଆକଳନ କରିଛି ପାଣିପାଗ ବିଭାଗ। ଦିନ ସମୟରେ ତାପମାତ୍ରା ଓ ରୌଦ୍ରତାପ ଅଧିକ ରହୁଥିବାରୁ ଅଯଥାରେ ଘରୁ ବାହାରକୁ ନ ବାହାରିବାକୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। ସେପଟେ ଜରୁରୀକାଳୀନ ପରିସ୍ଥିତିରେ ଅଧିକ ପାଣି ପିଇବା ସହିତ ମୁଣ୍ଡରେ ଟୋପି କିମ୍ବା ଅନ୍ୟକିଛି ଘୋଡ଼ାଇ ଘର ବାହାରିବାକୁ ପରାମର୍ଶ ଦିଆଯାଇଛି। ଦିନକୁ ଦିନ ବୃଦ୍ଧି ପାଉଥିବା ତାପମାତ୍ରାକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା ହୋଇଥିବା ଜଳଛତ୍ରଗୁଡ଼ିକର ସୁପରିଚାଳନା ଓ ତଦାରଖ କରିବା ତଥା ନିୟମିତ ପାଣି ଭର୍ତ୍ତି କରିବାକୁ ମେୟର ସଂଘମିତ୍ରା ଦଳେଇ ନିର୍ଦ୍ଦେଶ ଦେଇଛନ୍ତି। ପଶୁପକ୍ଷୀଙ୍କ ପାଇଁ ମଧ୍ୟ ନିଜ ଘର ସମ୍ମୁଖରେ ଏପରିକି ବିଭିନ୍ନ ଛକରେ ପାଣିର ବ୍ୟବସ୍ଥା କରିବାକୁ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ପଶୁପ୍ରେମୀଙ୍କୁ ସେ

ଭୁବନେଶ୍ୱର
୨୪ ଅପ୍ରେଲ,
ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ୩୦ରୁ ମହାପ୍ରଭୁଙ୍କ ୨୧ ଦିନିଆ ବାହାର ଚନ୍ଦନଯାତ୍ରା



**ପୁରୀ,୨୩/୦୪**
**ନ୍ୟୁଜ ବ୍ୟୁରୋ**

ପବିତ୍ର ଅକ୍ଷୟ ତୃତୀୟାରେ ଆରମ୍ଭ ହେବ ମହାପ୍ରଭୁଙ୍କ ୨୧ ଦିନିଆ ବାହାର ଚନ୍ଦନ ଯାତ୍ରା। ଶ୍ରୀମଦନ ମୋହନ, ଭୂଦେବୀ, ଶ୍ରୀଦେବୀ, ରାମକୃଷ୍ଣଙ୍କ ସମେତ ପାଞ୍ଚ ମହାଦେବ ନରେନ୍ଦ୍ର ଜଳରେ ନୌବିହାର କରିବେ। ୩୦ ତାରିଖରେ ଯାତ୍ରା ଶୁଭାରମ୍ଭକୁ ମଝିରେ ରହିଗଲା ମାତ୍ର ୬ ଦିନ । ଏଣୁ ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦର୍ଜୀ ସେବକମାନେ କାର୍ଯ୍ୟ ଅନୁକୂଳ କରିଛନ୍ତି । ଏଥିସହ ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ପନ୍ତି ଛାମୁଣ୍ଡିଆ ନିର୍ମାଣ କରାଯାଉଛି। ଚନ୍ଦନ ଯାତ୍ରାରେ ଠାକୁରଙ୍କ ପାଇଁ ୧୭ଟି ଶେଯ, ୨୧ଟି ମାଣ୍ଡି, ୨ଟି ମୃଦଙ୍ଗ ମାଣ୍ଡି ସହ ନନ୍ଦା ଭଦ୍ରା ଡଙ୍ଗାଦ୍ୱୟ ପାଇଁ ଧଳା ଓ ନାଲି ଚାପମଣ୍ଡଳୀ ତିଆରି ହେଉଛି। ୨ଟି ଡଙ୍ଗା ପାଇଁ ୮ଗୋଟି ବାଙ୍କ ତିଆରି ହେଉଛି। ୨ଗୋଟି ପାଲିଙ୍କି ପାଇଁ ଚାଳି ତିଆରି ହେବ। ୧୩ ଗୋଟି ଚାନ୍ଦୁଆ ନରେନ୍ଦ୍ର ପରିସରରେ ଲାଗିବ। ତରାସ, ପତାକା, କଳା ଓ ଧଳା ଛତି, ଓଲାର ଓ ଖଣ୍ଡା ଏବଂ ଛୁରୀର ସାଜ ତିଆରି ହେବ। ପାଳିଆ ସେବକ ଛୁରି ଓ ଖଣ୍ଡା ଧରି ଠାକୁରଙ୍କ ସହ ଯାତ୍ରା କରିବେ। ସୁନା ବିଞ୍ଚଣା, ଅଳଙ୍କାର ମୁଣି, ପାନ ବଟୁଆ ଆଦିର ସାଜ ତିଆରି ହେବ । ସେପଟେ ନରେନ୍ଦ୍ର ପରିସରରେ ମଧ ଚନ୍ଦନଯାତ୍ରା ପ୍ରସ୍ତୁତି ଚାଲିଛି । ଠାକୁରଙ୍କ ନୌବିହାର ପାଇଁ ଚାପ ମରାମତି କରାଯାଉଛି । ପରେ ଚାପ ତିଆରି ସରି ରଙ୍ଗ ଦିଆଯାଇ କନାମଣ୍ଡଣୀ କରାଯିବ। ନରେନ୍ଦ୍ର ପରିସର ରଙ୍ଗ ଚାଲିଛି। ଏପଟେ ଠାକୁରଙ୍କ ଯାତ୍ରା ପଥରେ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ନିର୍ମାଣ ହେଉଛି ପନ୍ତି ଛାମୁଣ୍ଡିଆ। ଲୁହା ପାଇପ୍‌ରେ ପନ୍ତି ଛାମୁଣ୍ଡିଆର ଫ୍ରେମ୍ ପ୍ରସ୍ତୁତ ହୋଇଛି। ପରେ ଛାମୁଣ୍ଡିଆରେ ବିଭିନ୍ନ ଫଳ ଓ କୋଳି ଆଦି ଝୁଲାଯିବ । ଏସବୁ କାହିଁ କେଉଁ କାଳର ପରମ୍ପରା । ଠାକୁରଙ୍କ କାର୍ଯ୍ୟ ଯାଥାବିଧି ସମ୍ପନ୍ନ ପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରସ୍ତୁତିର ସଂଯୋଜନା କରାଯାଉଛି। ବାହାର ଚନ୍ଦନ ଯାତ୍ରା ସରିଲେ ଶ୍ରୀମନ୍ଦିର ଭିତରେ ମହାପ୍ରଭୁଙ୍କ ୨୧ ଦିନିଆ ଭିତର ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ।



ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ନିରୀହ ପର୍ଯ୍ୟଟକମାନଙ୍କ ଉପରେ ହୋଇଥିବା ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀମାନଙ୍କ ସ୍କେଚ୍ ସିକ୍ୟୁରିଟି ଏଜେନ୍ସି ଦ୍ୱାରା ଜାରି କରାଯାଇଛି।

# କୋଟିଆ ଗ୍ରାମପଞ୍ଚାୟତର ସ୍ଥିତି ଅନୁଧ୍ୟାନ ପାଇଁ ଗଠିତ ହେବ କମିଟି



**ଭୁବନେଶ୍ୱର,୨୩।୪**
**ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମ ପଞ୍ଚାୟତ ସଂପର୍କରେ ସମୀକ୍ଷା କରିଛନ୍ତି। ସାମ୍ପ୍ରତିକ ସ୍ଥିତି ଅନୁଧ୍ୟାନ କରିବା ପାଇଁ ଏକ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧକ୍ଷତାରେ ଏହି କମିଟି ଗଠନ କରାଯିବ। ଏହି କମିଟି ବର୍ତ୍ତମାନ ସ୍ଥିତି ଅନୁଧ୍ୟାନ କରି ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦେବେ। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ବିଭିନ୍ନ ବିଭାଗର ସଚିବ, ପୋଲିସ ମହା-ନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଏବଂ କୋରାପୁଟ ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ। ନବରଂଗପୁର ଠାରୁ ଆଭାସୀ ଜରିଆରେ ଅନୁସୂଚିତ ଜନଜାତି ଓ ଜାତି ବିକାଶ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଡି ହୋଇଥିଲେ।

## ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲା

# ନିମ୍ନ ଅଦାଲତଙ୍କ ଫାଶୀ ଦଣ୍ଡାଦେଶକୁ ପୁନର୍ବିଚାର ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୨୩/୪ ନ୍ୟୁଜ ବ୍ୟୁରୋ**

ସୁନ୍ଦରଗଡ଼ ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲାରେ ଓଡ଼ିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏହି ମାମଲାରେ ସୁନ୍ଦରଗଡ଼ ସେସନ୍ସ କୋର୍ଟ ଅଭିଯୁକ୍ତକୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିବା ବେଳେ ମାମଲାର ପୁନର୍ବିଚାର ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଚାରରେ ତ୍ରୁଟି ରହିଥିବାରୁ ହାଇକୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି। ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଆସାମୀକୁ ସାମୟିକ ଆଶ୍ୱସ୍ତି ମିଳିଛି। ଗତ ୨୦୧୬ରେ ଘଟିଥିଲା ଏହି ଘଟଣା। ଜଣେ ମା' କୋଳରୁ ଚାରି ବର୍ଷର ଶିଶୁକୁ ଛଡ଼ାଇ ନେଇ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା। ଏହି ବିଭତ୍ସ ଘଟଣାରେ ନିମ୍ନ ଅଦାଲତ, ଅଭିଯୁକ୍ତ ସଞ୍ଜୀବ କେର୍‌କେଟାକୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ। ଏହି ଦଣ୍ଡକୁ ଅନୁମୋଦନ କରିବା ପାଇଁ ରାଜ୍ୟ ସରକାର ହାଇକୋର୍ଟକୁ ଆସିଥିଲେ। ସେହିପରି ନିମ୍ନ ଅଦାଲତଙ୍କ ଆଦେଶକୁ ଚାଲେଞ୍ଜ କରି ଆସାମୀ ସଞ୍ଜୀବ କେରକେଟା ମଧ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଭୟ ପକ୍ଷକୁ ଶୁଣିବା ପରେ ହାଇକୋର୍ଟ ମାମଲାର ଶୁଣାଣି କରି ରାୟକୁ ସଂରକ୍ଷିତ ରଖିଥିଲେ। ସୁନ୍ଦରଗଡ଼ ଥାନା ଅଧୀନରେ ଏକ ଗାଁରେ ଚାରି ବର୍ଷର ଝିଅ ମା' କୋଳରେ ଶୋଇଥିଲାବେଳେ ଆସାମୀ ସଞ୍ଜୀବ ଝିଅଟିକୁ ଛଡ଼ାଇ ନେଇ କେଉଁଆଡ଼େ ଚାଲି ଯାଇଥିଲା। ୨୦୧୬ ମସିହା ଅକ୍ଟୋବର ୨୧ ତାରିଖ ଦିନ ରାତି ୧୦ଟା ସମୟରେ ଏହି ଘଟଣା ଘଟିଥିଲା। ଶିଶୁଟିକୁ ନପାଇ ପରିବାର ଲୋକେ ସୁନ୍ଦରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ। ୨୫ ତାରିଖରେ ଗାଁ ପାଖ ଏକ ଅଧାଗଢ଼ା ଘରୁ ଶିଶୁଟିର ମୃତଦେହ ମିଳିଥିଲା। ପୋଲିସ୍ ସେହି ସ୍ଥାନରୁ ଆସାମୀର ପର୍ସ ଏବଂ ଆଧାର କାର୍ଡ ପାଇଥିଲା। ଏହି ଘଟଣାରେ ପୋଲିସ୍ ଅଭିଯୁକ୍ତ ସଞ୍ଜୀବକୁ ଗିରଫ କରିଥିଲା। ଏହି ମାମଲାର ଶୁଣାଣି ସୁନ୍ଦରଗଡ଼ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ହୋଇଥିଲା। ପୋକ୍‌ସୋ ଅଦାଲତ ୨୦୨୩ ମସିହା ଅକ୍ଟୋବର ୧୯ ତାରିଖରେ ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ସଞ୍ଜୀବକୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ। ତେବେ ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଏହି ମାମଲାର ପୁନର୍ବିଚାର କରିବାକୁ ନିମ୍ନ ଅଦାଲତକୁ ନିର୍ଦ୍ଦେଶ ଦେଇଛନ୍ତି।

# ବାଣୀବିହାର ୧୯୮୮-୧୯୯୦ ବ୍ୟାଚ୍‌ର ଇତିହାସ ବିଭାଗ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ

**ଭୁବନେଶ୍ୱର, ୨୩/୪ ନ୍ୟୁଜ ବ୍ୟୁରୋ**

ଗତ ତା ୧୮.୦୪.୨୫ରେ ଭୁବନେଶ୍ୱର ଜୟଦେବବିହାର ସ୍ଥିତ ହୋଟେଲ ଆତ୍ମାରାମରେ ବାଣୀବିହାର (୧୯୮୮-୧୯୯୦) ବ୍ୟାଚର ଇତିହାସ ବିଭାଗର ଛାତ୍ରଛାତ୍ରୀମାନଙ୍କର ବନ୍ଧୁମିଳନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାକ୍ତନ ଛାତ୍ରଛାତ୍ରୀମାନେ ଏ ବନ୍ଧୁମିଳନରେ ଯୋଗ ଦେବା ନିମନ୍ତେ ଆସି ପହଞ୍ଚିଥିଲେ। ପ୍ରାୟ ୬୦ ଜଣ ବନ୍ଧୁଙ୍କର ଯୋଗଦାନ ହେତୁ ପରିବେଶଟି ଉତ୍ସବ ମୁଖର ହୋଇ ପଡ଼ିଥିଲା। ବିଭିନ୍ନ ପ୍ରକାର କୌତୁକ କ୍ରୀଡ଼ାର ଆୟୋଜନ କରାଯାଇଥିଲା। ଡଃ. ଅରୁଣ କୁମାର ସାହୁ, କାଳୀପ୍ରସନ୍ନ ମହାପାତ୍ର, ଦେବୀ ଶର୍ମା, ସୁକାନ୍ତ ସମର୍ଥା, ଫକୀର ଉଦ୍‌ଗାତା, ବିଜୟ ଭଞ୍ଜଦେଓ ପ୍ରମୁଖଙ୍କ ପ୍ରଚେଷ୍ଟା ହେତୁ ବନ୍ଧୁମିଳନ ପର୍ବଟି ସଫଳତାର ସହିତ ସମାପ୍ତ ହୋଇଥିଲା।



# ପହଲଗାମ୍ ଆତଙ୍କୀ ହମ୍‌ଲାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ସାଂସଦ ଅପରାଜିତା

**ଭୁବନେଶ୍ୱର, ୨୩/୦୪**
**ନ୍ୟୁଜ ବ୍ୟୁରୋ**

ଶ୍ରୀନଗରରେ ପହଞ୍ଚିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ଅପରାଜିତା। ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତ ଓଡ଼ିଶାର ପ୍ରଶାନ୍ତ କୁମାର ଶତପଥୀଙ୍କ ପରିବାରକୁ ମଧ ଭେଟିଛନ୍ତି ଭୁବନେଶ୍ୱର ସାଂସଦ। ମୃତ ଓଡ଼ିଆ ପ୍ରଶାନ୍ତ ଶତପଥିଙ୍କ ପତ୍ନୀ ପ୍ରିୟଦର୍ଶିନୀ, ତାଙ୍କ ପୁଅ ଏବଂ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଛନ୍ତି । ଏ ନେଇ ସେ ତାଙ୍କ ସୋସିଆଲ ମିଡ଼ିଆ ଆକାଉଣ୍ଟରେ ଭିଡ଼ିଓ ସେୟାର କରିଛନ୍ତି। ସେ ଲେଖିଛନ୍ତି, ଜମ୍ମୁ କଶ୍ମୀର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ଅକାଳ ନିଧନ ହୋଇଥିବା ନାଗରିକମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଛି। ଏହି ଆକ୍ରମଣରେ ନିଧନ ଓଡ଼ିଶାର ପ୍ରଶାନ୍ତ କୁମାର ଶତପଥିଙ୍କ ପରିବାରବର୍ଗଙ୍କୁ ସାକ୍ଷାତ କରି ସମବେଦନା ଜ୍ଞାପନ କରିବା ସହ ଦୁଃଖରେ ସାମିଲ ହେଲି। ମହାପ୍ରଭୁ ଜଗନ୍ନାଥ ଅମର ଆତ୍ମାକୁ ସଦଗତି ଏବଂ ପରିବାର ବର୍ଗଙ୍କୁ ଶକ୍ତି ପ୍ରଦାନ କରନ୍ତୁ। ଜମ୍ମୁ ଓ କଶ୍ମୀରର ପହଲଗାମ୍‌ରେ ପର୍ଯ୍ୟଟକଙ୍କ ଉପରେ ହୋଇଥିଲା ବଡ଼ ଆତଙ୍କବାଦୀ ହମଲା। ଆତଙ୍କବାଦୀଙ୍କ ଆକ୍ରମଣରେ ଏପର୍ଯ୍ୟନ୍ତ ୨୮ ଜଣଙ୍କର ମୃତ୍ୟୁ ହୋଇସାରିଛି । ଏହି ଆକ୍ରମଣକୁ ବିଶ୍ୱସ୍ତରରେ ତୀବ୍ର ନିନ୍ଦା କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଉଦିଆରବରୁ ଫେରି ଦିଲ୍ଲୀ ବିମାନବନ୍ଦରରେ ବୈଦେଶିକ ମନ୍ତ୍ରୀ, ଏନଏସଏ ଏବଂ ବୈଦେଶିକ ସଚିବଙ୍କ ସହ ଏକ ବୈଠକ କରିଛନ୍ତି। ସେପଟେ ପହଲଗାମ ଆତଙ୍କବାଦୀ ଆକ୍ରମଣର ତଦନ୍ତ ଜାରି ରହିଛି। ସୁରକ୍ଷା ଏଜେନ୍ସିଗୁଡ଼ିକ ପ୍ରତ୍ୟକ୍ଷଦର୍ଶୀଙ୍କୁ



ପଚରାଉଚରା କରିବା ପରେ ୩ ଜଣ ଆତଙ୍କବାଦୀଙ୍କ ସ୍କେଚ୍ ଜାରି କରିଛନ୍ତି। ସେମାନେ ହେଲେ ଅସିଫ୍ ଫୌଜୀ, ଅବୁ ତଲ୍ଲା, ସୁଲେମାନ ସା । ଏମାନଙ୍କୁ ଧରିବାକୁ ଜୋରଦାର କସରତ ଜାରି ରହିଛି। ଏମାନଙ୍କ ମଧ୍ୟରେ କିଛି ସ୍ଥାନୀୟ ଆତଙ୍କବାଦୀ ଥିବା ଜଣା ପଡିଛି। ସେପଟେ ଜମ୍ମୁ ଓ କଶ୍ମୀର ସରକାର ପହଲଗାମ୍ ଆକ୍ରମଣରେ ପ୍ରତ୍ୟେକ ମୃତକଙ୍କ ପରିବାର ପାଇଁ ୧୦ଲକ୍ଷ ଟଙ୍କା, ଗୁରୁତର ଆହତଙ୍କୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି ।

## ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପନ୍ନ

**ପୁରୀ,୨୩/୦୪ ନ୍ୟୁଜ ବ୍ୟୁରୋ**

ବୁଧବାର ଅପରାହ୍ନରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି(ଶ୍ରୀମୁଖ ସିଂହାର) ନୀତି ଅନୁଷ୍ଠିତ ହୋଇ ଯାଇଛି। ଦତ୍ତମହାପାତ୍ର ସେବକମାନେ ଦାରୁଦିଅଁଙ୍କ ଏହି ସେବା କରିଥିଲେ। ଏହି ନୀତି ସମୟରେ ସର୍ବସାଧାରଣ ଦର୍ଶନ ମନା ହୋଇଥିଲା। ଅପରାହ୍ନ ପ୍ରାୟ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବନକଲାଗି ପାଇଁ ଠାକୁରଙ୍କ ଦର୍ଶନ ବନ୍ଦ ରହିଥିଲା ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଦ୍ୱିତୀୟ ଭୋଗମଣ୍ଡପ ନୀତି ସରିଲା ପରେ ଏହି ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା । ବନକଲାଗି ନୀତି ସମ୍ପନ୍ନ ହୋଇ ମହାସ୍ନାନ ନୀତି ବଢ଼ିଲେ ପୁନଃ ଠାକୁର ଦର୍ଶନ ଆରମ୍ଭ ହୋଇଥିଲା। ଦତ୍ତମହାପାତ୍ର ସେବକମାନେ ଠାକୁରଙ୍କ ଶ୍ରୀମୁଖ ସିଂହାର କରିବା ପରେ ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗର ଶ୍ରୀବୃଦ୍ଧି ଘଟିଥିଲା।

# ଲକ୍ଷପତି ଦିଦିଙ୍କୁ ସଶକ୍ତ କରିବ ବାଉଁଶ

**ଭୁବନେଶ୍ୱର,୨୩/୦୪ ନ୍ୟୁଜ ବ୍ୟୁରୋ**

ଲକ୍ଷପତି ଦିଦିଙ୍କୁ ଆହୁରି ସଶକ୍ତ କରିବ ବାଉଁଶ। ଏଥିପାଇଁ ସ୍ଥାନୀୟ ମିଶନ ଶକ୍ତି ଭବନ ଅଡିଟୋରିୟମ ହଲ୍‌ରେ ବାଉଁଶ ଚାଷ ଓ ଜୀବିକା ସୁଯୋଗ ସମ୍ବନ୍ଧୀୟ ଦୁଇ ଦିନିଆ ରାଜ୍ୟସ୍ତରୀୟ କର୍ମଶାଳାର ଆୟୋଜନ କରାଯାଇଛି। ବାଉଁଶ ଚାଷ ରାଜ୍ୟର ଏକ ଲକ୍ଷ ମହିଳା ଚାଷୀଙ୍କୁ ସଶକ୍ତ କରିବ ବୋଲି କର୍ମଶାଳା ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ମତ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ବାଉଁଶ ପ୍ରସ୍ତୁତ ଉତ୍ପାଦର ଚାହିଦାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ବାଉଁଶ ଚାଷଠାରୁ ଆରମ୍ଭ କରି ବାଉଁଶ ଶିଳ୍ପରେ ଲକ୍ଷପତି ଦିଦିମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ନିମନ୍ତେ ଏହି କର୍ମଶାଳାର ଆୟୋଜନ କରାଯାଇଛି। ମହିଳାଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ ଦେଇ ସେମାନଙ୍କୁ ବାଉଁଶ ଭଳି ଲାଭଜନକ ବ୍ୟବସାୟରେ ସାମିଲ କରି ସେମାନଙ୍କୁ ଉଦ୍ୟୋଗୀ ହେବାର ସ୍ୱପ୍ନ ପୂରଣ କରିବା ନିମନ୍ତେ ଏହିଭଳି କର୍ମଶାଳା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ମହିଳାଙ୍କ ଦୃଢ ମନୋବଳକୁ ପ୍ରଶଂସା କରି ଉପମୁଖ୍ୟମନ୍ତ୍ରୀ ପୁଣି କହିଥିଲେ, ଆଜି ସମଗ୍ର ଦେଶରେ ଓଡ଼ିଶା ଲକ୍ଷପତି ଦିଦି ସୃଷ୍ଟି କରିବାରେ ପ୍ରଥମ ହୋଇଛି। ଗାଁ ଗାଁରେ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି। ବିଶେଷ ଭାବରେ ଗ୍ରାମରୁ ରାଜ୍ୟସ୍ତର ପର୍ଯ୍ୟନ୍ତ କାର୍ଯ୍ୟରତ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ନିରନ୍ତର ଏବଂ ନିଷ୍ଠାପର ଉଦ୍ୟମ ପାଇଁ ଏହି ସଫଳତା ସମ୍ଭବ ହୋଇପାରିଛି ବୋଲି ସେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ, ଓଡ଼ିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀ, ଡୋମେନ୍ (କ୍ଷେତ୍ର) ବିଶେଷଜ୍ଞ, ମାଷ୍ଟର ପ୍ରଶିକ୍ଷକମାନଙ୍କ ସହ ଇଣ୍ଡଷ୍ଟ୍ରି ଫାଉଣ୍ଡେସନ୍ ପରି ଜାତୀୟ ଅଂଶୀଦାର ସଂସ୍ଥା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ବାଉଁଶ ରୋପଣ କୌଶଳ, ଅନ୍ତର୍ଭୁକ୍ତ ଫସଲ ଚାଷ, ମୂଲ୍ୟ ଯୋଗ, ଉତ୍ପାଦ ବିବିଧୀକରଣ, ମୂଲ୍ୟ ନିର୍ଦ୍ଧାରଣ, ଡିଜାଇନ୍ ନବୀକରଣ, ବିପଣନ ଏବଂ ରପ୍ତାନୀ



ସମ୍ଭାବନା ଉପରେ ଅଧିବେଶନମାନ ଆୟୋଜିତ ହେବ। ସମସ୍ତ ଜିଲ୍ଲାର ଜିଲ୍ଲା ପ୍ରୋଗ୍ରାମ୍ ମ୍ୟାନେଜର (ଡିସିଏମ୍), ଜିଲ୍ଲା ପ୍ରୋଜେକ୍ଟ କୋଅର୍ଡିନେଟର (ଡିପିସି), ଜୀବିକା ବିଶେଷଜ୍ଞ ଏବଂ କ୍ଲଷ୍ଟର ସ୍ତରୀୟ ପ୍ରଶିକ୍ଷକମାନେ ଏହି କର୍ମଶାଳାରେ ଭାଗ ନେଇଥିଲେ।

## ରଖେ ହରି ତ ମାରେ କିଏ ?

**ଭୁବନେଶ୍ୱର, ୨୩/୦୪**
**ନ୍ୟୁଜ ବ୍ୟୁରୋ**

ଜମ୍ମୁ-କଶ୍ମୀରର ପହଲଗାମ ଠାରେ ଘଟିଯାଇଥିବା ଜଘନ୍ୟ ନରସଂହାର ଘଟଣାର ଠିକ୍ ଅଧଘଣ୍ଟା ପୂର୍ବରୁ ସେହି ଜାଗା ଛାଡ଼ି ଚାଲିଯାଥିଲେ ଦୁଇଜଣ ଡାକ୍ତର। ଓଡ଼ିଶାର ଏହି ଦୁଇଜଣ ଡାକ୍ତର ଦମ୍ପତି ଡା. ପଲକ ସିଂହ ଓ ଡା. ଜ୍ୟୋତିରଞ୍ଜନ ବେହେରା ଏହି ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଚାଲିଯାଇଥିଲେ। ବୁଧବାର ସନ୍ଧ୍ୟାରେ ଡା. ବେହେରା ଓ ତାଙ୍କ ପତ୍ନୀ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଡା. ସିଂହଙ୍କ ଘର କଟକ ବିଡ଼ାନାସୀ ଅଞ୍ଚଳରେ। ଉଭୟେ ମୃତ୍ୟୁମୁଖରୁ ବଞ୍ଚିଯାଇଥିବାରୁ ଡାକ୍ତର ଦମ୍ପତିଙ୍କୁ ବନ୍ଧୁ ଓ ଆତ୍ମୀୟଙ୍କ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।



## ଜେଲ୍‌ରୁ ମୁକୁଳିବେ ଦାରା ସିଂ !

**ଭୁବନେଶ୍ୱର, ୨୩/୦୪: ନ୍ୟୁଜ ବ୍ୟୁରୋ**

ଜେଲ୍‌ରୁ ମୁକୁଳି ପାରନ୍ତି ଦାରା ସିଂ। ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡକୁ ଏନେଇ ପ୍ରସ୍ତାବ ପଠାଇଛି ଜେଲ୍ ବିଭାଗ। ରାଜ୍ୟର ସମସ୍ତ ଜେଲର ୮୫ଜଣ ଆଜୀବନ ସଜା କାଟୁଥିବା କଏଦୀଙ୍କ ତାଲିକା ପଠାଯାଇଛି। ଯେଉଁଥିରେ ଦାରା ସିଂଙ୍କ ନାଁ ରହିଛି। ୨୫ ବର୍ଷ ହେବ କେନ୍ଦୁଝରର ଜେଲରେ ଆଜୀବନ ସଜା କାଟୁଛନ୍ତି ଦାରା ସିଂ। ୧୯୯୯ ଜାନୁଆରୀ ୩୧ ତାରିଖରେ କେନ୍ଦୁଝର ଜିଲ୍ଲା ମନୋହରପୁରରେ ଅଷ୍ଟ୍ରେଲିଆ ମିସନାରୀ ଗ୍ରାହମ ଷ୍ଟେନ୍ସ ଓ ତାଙ୍କର ଦୁଇ ପୁଅକୁ ଗାଡ଼ିରେ ଶୋଇଥିବା ବେଳେ ପୋଡି ହତ୍ୟା କରିଥିଲେ। ସେହି ଘଟଣାରେ ଦାରା ସିଂ ଓ ତାଙ୍କର ସହଯୋଗୀ ମହେନ୍ଦ୍ର ହେମ୍ବ୍ରମ ଦୋଷୀ ସାବ୍ୟସ୍ତ ହୋଇଥିଲେ।

# ଭାରତ ପାଇଁ ଆଇଏମ୍‌ଏଫ୍‌ର ଆକଳନ : ଚଳିତବର୍ଷ ୬.୨%କୁ ଖସିବ ଅଭିବୃଦ୍ଧି

**ନୂଆଦିଲ୍ଲୀ ୨୩/୦୪**

ଘମାଘୋଟ ବାଣିଜ୍ୟ ଯୁଦ୍ଧ ଏବଂ ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ମଧ୍ୟରେ ଭାରତ ଏବଂ ବିଶ୍ୱ ଜିଡିପି ଅଭିବୃଦ୍ଧି ଅନୁମାନକୁ ଖସାଇଛି ଆଇଏମ୍‌ଏଫ୍। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଏହାର ସଂଶୋଧିତ ଅନୁମାନରେ କହିଛି ଯେ, ୨୦୨୫-୨୬ ଆର୍ଥିକବର୍ଷରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ୬.୨% ରହିବ। ଏହା ପୂର୍ବ ଆକଳନ ତୁଳନାରେ ୩୦ ବେସିସ୍ ପଏଣ୍ଟ କମ୍। ପୂର୍ବ ଆକଳନ ଥିଲା ୬.୫%। ନିଜର ୱାର୍ଲଡ ଇକୋନୋମିକ୍ ଆଉଟ୍‌ଲୁକ୍ (ଡବ୍ଲୁଇଓ) ରିପୋର୍ଟରେ ଆଇଏମ୍‌ଏଫ୍ ପ୍ରକାଶ କରିଛି ଯେ, ବାଣିଜ୍ୟ ଯୁଦ୍ଧ ଦିନକୁ ଦିନ ବଢୁଛି । ଏହା ନୀତି ନିର୍ଦ୍ଧାରଣକାରୀଙ୍କ ପାଇଁ ଚିନ୍ତାଜନକ ବିଷୟ ପାଲଟିଛି।



୨୦୨୬-୨୭ ଆର୍ଥିକବର୍ଷ ଲାଗି ଦେଶର ଜିଡିପି ଅନୁମାନକୁ ୬.୫%ରୁ ୬.୩%କୁ ଖସାଇଛି ଆଇଏମ୍‌ଏଫ୍। ତେବେ ଆଇଏମ୍‌ଏଫ୍ ଅନୁମାନ ଆଧାରରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ବିକାଶମୁଖୀ ଏବଂ ବିକଶିତ ଅର୍ଥନୀତିଗୁଡ଼ିକ ତୁଳନାରେ ସର୍ବାଧିକ ରହିବ। ଆମେରିକା ଭାରତ ଉପରେ ୨୭% ଟାରିଫ୍ ଘୋଷଣା କରିଛି। ଚୀନ୍‌କୁ ଛାଡ଼ି ଅନ୍ୟ ସମସ୍ତ ରାଷ୍ଟ୍ରଗୁଡ଼ିକ ପାଇଁ ଏହା ୯୦ ଦିନ ଲାଗି ଶୁଳ୍କ ରିହାତି ପ୍ରଦାନ କରିଛି। ଆଗକୁ ଟାରିଫ୍ ଲାଗୁ ହେଲେ ବିଶ୍ୱ ଅର୍ଥନୈତିକ ଚିତ୍ର ବିକୃତ ହୋଇଯିବ ବୋଲି ଅନୁମାନ ରହିଛି। ୱାର୍ଲ୍ଡ ଇକୋନୋମିକ୍ ଆଉଟ୍‌ଲୁକ୍ ଅନୁସାରେ, ୨୦୨୫ରେ ଭାରତର ଅଭିବୃଦ୍ଧି ଦୃଶ୍ୟପଟ ଅପେକ୍ଷାକୃତ ସ୍ଥିର ରହିଛି। ବିଶେଷ କରି ଗ୍ରାମାଞ୍ଚଳରେ ମଜଭୁତ ଚାହିଦା ଯୋଗୁ ଏହା ସମ୍ଭବ ହେବ। ୨୦୨୫ରେ ଚୀନ୍ ପାଇଁ ଆଇଏମ୍‌ଏଫ୍‌ର ଅଭିବୃଦ୍ଧି ଅନୁମାନ ରହିଛି ୪%। ପୂର୍ବରୁ ଏଥିପାଇଁ ୪.୬% ଆକଳନ କରାଯାଇଥିଲା। ଆଲୋଚ୍ୟ ସମୟରେ ଆମେରିକାର ଅଭିବୃଦ୍ଧି ୧.୮% ରହିବ ବୋଲି ଆଇଏମ୍‌ଏଫ୍ ଆକଳନ କରିଛି। ଜାନୁଆରୀରେ ଏଥିପାଇଁ ୨.୭% ପୂର୍ବାନୁମାନ କରାଯାଇଥିଲା। ତେବେ ବାଣିଜ୍ୟ ଯୁଦ୍ଧର ପ୍ରଭାବ ଆମେରିକା ଉପରେ ବୃହତ୍ ରହିବ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି । ବାଣିଜ୍ୟ ଯୁଦ୍ଧର ସିଧା ପ୍ରଭାବ ଚୀନ୍ ଏବଂ ଆମେରିକା ଉପରେ ପଡ଼ିବ। ତେଣୁ ଉଭୟ ରାଷ୍ଟ୍ର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ ବୋଲି ଆଇଏମ୍‌ଏଫ୍ ପ୍ରକାଶ କରିଛି। ମଧ୍ୟମ ଅବଧି ପାଇଁ ଏସୀୟ ଏବଂ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଟାରିଫ୍ ଯୁଦ୍ଧର ପ୍ରଭାବ ଅନୁଭବ କରିବେ ବୋଲି ଏହା ଉଲ୍ଲେଖ କରିଛି। ଆଇଏମ୍‌ଏଫ୍‌ର ଆକଳନ ଅନୁସାରେ, ୨୦୨୫ରେ ବିଶ୍ୱ ଜିଡିପି ୨.୮% ରହିବ। ଏହା ପୂର୍ବରୁ ଅଭିବୃଦ୍ଧି ଅନୁମାନ ଥିଲା ୩.୩%। ଟାରିଫ୍ ଯୋଗୁ ମୁଦ୍ରାସ୍ଫୀତି ବି ପ୍ରଭାବିତ ହେବ। ଭାରତର ମୁଦ୍ରାସ୍ଫୀତି ୨୦୨୫-୨୬ରେ ୪.୨% ଏବଂ ୨୦୨୬-୨୭ରେ ୪.୧% ରହିବ ବୋଲି ଆଇଏମ୍‌ଏଫ୍ ଆକଳନ କରିଛି।

# ଅଗ୍ନିଶମକୁ ମିଳିବ ଦୁଇଟି ଅତ୍ୟାଧୁନିକ ଏମ୍‌ସିଭି ବସ୍

**ଭୁବନେଶ୍ୱର, ୨୩/୦୪ ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାର ଅଗ୍ନିଶମ ବିଭାଗକୁ ଅଧିକରୁ ଅଧିକ ମଜଭୁତ କରିବାକୁ ଲାଗି ପଡ଼ିଛନ୍ତି। ଜରୁରିକାଳୀନ ପ୍ରତିକ୍ରିୟା ଭିତ୍ତିଭୂମିକୁ ବୃଦ୍ଧି କରିବା ପାଇଁ ସରକାର ଦୁଇଟି ସ୍ୱତନ୍ତ୍ର ବସ୍ କିଣିଛନ୍ତି । ଉକ୍ତ ୨ଟି ବସ୍‌ର ନାଁ ହେଲା ମୋବାଇଲ୍ କମାଣ୍ଡ ଭେଇକିଲ୍ (ଏମ୍‌ସିଭି) । ସରଳ ଭାବରେ ଏହାକୁ ଚଳନ୍ତା କାର୍ଯ୍ୟାଳୟ କହିଲେ ଅତ୍ୟୁକ୍ତି ହେବନାହିଁ। ଯାହା ବଡ଼ ଧରଣର ଅଗ୍ନିକାଣ୍ଡ, ଟ୍ରେନ୍ ଦୁର୍ଘଟଣା ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମୋବାଇଲ୍ କମାଣ୍ଡ ସେଣ୍ଟର ଭାବରେ କାର୍ଯ୍ୟ କରିବ। ସେହି ହିସାବରେ ଏହି ଗାଡି ୨ଟିକୁ ଡିଜାଇନ୍ କରାଯାଇଛି। ରାଜ୍ୟ ଅଗ୍ନିଶମ ଏବଂ ଜରୁରିକାଳୀନ ସେବା ନିର୍ଦ୍ଦେଶାଳୟ ଏହି ୨ଟି ଉନ୍ନତ ଏମ୍‌ସିଭି ପାଇଛି। ଗୋଟିଏ ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ଏବଂ ଅନ୍ୟଟି ପଶ୍ଚିମାଞ୍ଚଳ ପାଇଁ। ଯାହାକୁ ଖୁବ୍ ଶୀଘ୍ର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ। ଏହି ୟୁନିଟ୍‌ଗୁଡ଼ିକ ବିପର୍ଯ୍ୟୟ ସ୍ଥାନରୁ ସିଧାସଳଖ ଉଦ୍ଧାର କାର୍ଯ୍ୟ ପରିଚାଳନା କରିବାକୁ ସକ୍ଷମ ହେବା ସହ ପୁନଃ-ପ୍ରତିକ୍ରିୟା ଦକ୍ଷତା ବୃଦ୍ଧି କରିବ। ଏଥିରେ ଭିଡିଓ କନଫରେନ୍ସିଂ ସିଷ୍ଟମ, ଅତ୍ୟାଧୁନିକ ଯୋଗାଯୋଗ ଉପକରଣ ଏବଂ ରିଅଲ୍ ଟାଇମ୍ ଡାଟା ପ୍ରକ୍ରିୟାକରଣ ୟୁନିଟ୍ ସମେତ ଅନେକ ପ୍ରଯୁକ୍ତିବିଦ୍ୟା ରହିଛି। ଏହି ଗାଡ଼ି ଗ୍ରାଉଣ୍ଡ ଅପଡେଟ୍ ଉପରେ ଆଧାରିତ ନିଷ୍ପତ୍ତିକୁ ସହଜ କରିବା ସହିତ ବିଭିନ୍ନ ଏଜେନ୍ସି ସହିତ ନିରନ୍ତର ଯୋଗାଯୋଗ ସୁନିଶ୍ଚିତ କରିପାରିବ। ଆଧୁନିକ ଯୋଗାଯୋଗ ଉପକରଣ, ସାଟେଲାଇଟ୍ ଫୋନ୍, ଇଣ୍ଟରନେଟ୍ ସଂଯୋଗ, କମ୍ପ୍ୟୁଟର ଏବଂ ପ୍ରିଣ୍ଟର ବି ଗାଡ଼ିରେ ରହିଛି । ସେଗୁଡ଼ିକରେ ରିଅଲ୍ ଟାଇମ୍ ପରିସ୍ଥିତି ମନିଟରିଂ ପାଇଁ ସିସିଟିଭି କ୍ୟାମେରା, ଡ୍ରୋନ୍ ସହିତ ଡିସପ୍ଲେ ସ୍କ୍ରିନ୍ ବ୍ୟବସ୍ଥା କରାଯାଇଛି। ଖାଲି ସେତିକି ନୁହେଁ, ମିନି କନ୍‌ଫରେନ୍ସ ରୁମ୍, ବରିଷ୍ଠ ଅଧିକାରୀଙ୍କ ପାଇଁ ଏକ ଛୋଟ ଅଫିସ୍ କକ୍ଷ, ବାଥରୁମ୍ ଓ ମିନି କିଚେନ୍ ବ୍ୟବସ୍ଥା ରହିଛି। ଏହି ଗାଡ଼ି କେମିତି ଡିଜାଇନ୍ ହେବ ତାହା ଅଗ୍ନିଶମର ବରିଷ୍ଠ ଅଧିକାରୀମାନେ ନିଷ୍ପତ୍ତି ନେଇଥିଲେ। ଦୁଇଟି ଗାଡ଼ି ବରିଷ୍ଠ ଅଧିକାରୀ ଏବଂ ବୈଷୟିକ ବିଶେଷଜ୍ଞଙ୍କ ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟକ୍ଷେତ୍ର ହେବ। ଜରୁରିକାଳୀନ ପରିସ୍ଥିତିରେ ପ୍ରତ୍ୟେକ ମିନିଟ୍ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ସରକାର ଏହି ଗାଡ଼ିର ବ୍ୟବସ୍ଥା କରିଛନ୍ତି। ଏହି ଗାଡ଼ି ସେନା, ଏନ୍‌ଏସ୍‌ଜି ଏବଂ ବିଭିନ୍ନ ରାଜ୍ୟ ପୁଲିସ୍ ବାହିନୀ ପ୍ରମୁଖ କାର୍ଯ୍ୟ ସମନ୍ୱୟ କ୍ଷେତ୍ରରେ ବ୍ୟବହାର ହେଉଛି।

